ସାଧାରଣ ଲୋକଙ୍କ ଖବରକାଗଜ


# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.14 Bhubaneswar Friday February 17 2023 | ୨୬ତମ ବର୍ଷ ସଂଖ୍ୟା-୧୪ ଭୁବନେଶ୍ୱର, ଶୁକ୍ରବାର, ଫେବୃଆରୀ ୧୭, ୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ସର୍ବାଧିକ ଚାନ୍ଦା ପାଇବାରେ ବିଜେଡି ଦେଶରେ ଦ୍ୱିତୀୟ: ବର୍ଷକରେ ୨୯୧କୋଟି

ଭୁବନେଶ୍ୱର,୧୬।୨(ପି.ଏନ): ୨୦୨୧-୨୨ ଆର୍ଥିକ ବର୍ଷରେ ଦେଶର ସର୍ବାଧିକ ଚାନ୍ଦା ପାଇଥିବା ଆଂଚଳିକ ଦଳ ତାଲିକାରେ ବିଜେଡି ଦ୍ୱିତୀୟରେ ରହିଛି । ନିର୍ବାଚନ କମିଶନଙ୍କ ପାଖରେ ଦାଖଲ ହୋଇଥିବା ୨୯ଟି ଆଂଚଳିକ ଦଳର ବାର୍ଷିକ ଅଡିଟ୍ ରିପୋର୍ଟ ଅନୁସାରେ ଡିଏମକେ ଶୀର୍ଷରେ ଓ ବିଜେଡି ଦ୍ୱିତୀୟ ସ୍ଥାନରେ ରହିଛି । ଡିଏମକେକୁ ୩୦୮.୧୪କୋଟି ଟଙ୍କା ସ୍ୱେଚ୍ଛାକୃତ ଚାନ୍ଦା ମିଳିଥିବାବେଳେ ବିଜେଡିକୁ ୨୯୧ କୋଟି ଟଙ୍କା ଚାନ୍ଦା ମିଳିଛି ।୨୦୨୦-୨୧ରେ ବିଜେଡିକୁ ୬୭କୋଟି ଟଙ୍କାର ରାଜନୀତିକ ଚାନ୍ଦା ମିଳିଥିଲା ।ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ ହୋଇଥିବା ତଥ୍ୟ ଅନୁସାରେ ୨୦୨୧-୨୨ ଆର୍ଥିକ ବର୍ଷରେ ଆଂଚଳିକ ଦଳ ଭାବେ ସର୍ବାଧିକ ଚାନ୍ଦା ଡିଏମକେକୁ ମିଳିଛି । ତେବେ ଜେଡିୟୁ, ଆରଜେଡି, ୱାଇଏସଆର, ଟିଆରଏସ(ଏବେ ବିଆରଏସ), ଏଆଇଡିଏମକେ, ଟିଡିପି, ସମାଜବାଦୀ ପାର୍ଟି , ଅକାଳୀ



ଦଳ ଓ ଆମ ଆଦମୀ ପାର୍ଟି ଭଳି ଦଳକୁ ପଛରେ ପକାଇ ବିଜେଡି ସର୍ବାଧିକ ଚାନ୍ଦା ସଂଗ୍ରହକାରୀ ଆଂଚଳିକ ଦଳ ହୋଇଛି ।ତାମିଲନାଡୁରେ କ୍ଷମତାରେ ଥିବା ଡିଏମକେ ୨୦୨୧-୨୨ ବର୍ଷରେ ୩୧୮.୭୪କୋଟି ଟଙ୍କା ପାଇଛି । ସେଥିରେ ୩୦୮କୋଟି ଟଙ୍କା କେବଳ ରାଜନୀତିକ ଚାନ୍ଦା । ଦଳ ଏହି ଅବଧିରେ ୩୫.୪୦କୋଟି ଟଙ୍କା ଖର୍ଚ୍ଚ କରିଛି । ସେହିପରି ଓଡିଶାରେ କ୍ଷମତାସୀନ ବିଜେଡି ମୋଟ ୩୦୭.୨୮କୋଟି ଟଙ୍କା ପାଇଥିବାବେଳେ ଏହି ଅବଧିରେ ୨୮.୬୩କୋଟି ଟଙ୍କା ଖର୍ଚ୍ଚ କରିଛି । ଏଥିରେ ବିଜେଡିକୁ ୨୯୧କୋଟି ଟଙ୍କାର ରାଜନୀତିକ ଚାନ୍ଦା ମିଳିଛି ।

## ଗୋପବନ୍ଧୁଙ୍କ ଅନ୍ୟତମ ସାଧନା ପୀଠ ଏବେ ଭୂତ କୋଠି, ସେଠି ଗଡୁଛି ମଦ ବୋତଲ

ଭୁବନେଶ୍ୱର,୧୬।୨(ପି.ଏନ): ଉତ୍କଳମଣିଙ୍କ ଅନ୍ୟତମ ସାଧନା ପୀଠ ଭୂତ କୋଠି ! ସଞ୍ଜ ନଇଁଲେ ସେଠାରେ ମଦ୍ୟପଙ୍କ ଆଡ୍ଡା ଜମୁଛି। ସାହିତ୍ୟ ଶବ୍ଦ ବଦଳରେ ମଦ କାଚର ଝଣ୍? ଝାଣ୍? ଶବ୍ଦ ଶୁଭୁଛି। ଉତ୍କଳମଣିଙ୍କ ଏ ସାଧନା ପୀଠ ଆଜି କାହିଁକି ହୋଇଛି ଅବହେଳିତ ? ଏହାର ଉତ୍ତର କାହାପାଖରେ ନଥିବା ବେଳେ ଦେବୋତ୍ତର ବିଭାଗର ଅବହେଳାରୁ ଏପରି ହୋଇଥିବା ଅଭିଯୋଗ ହେଉଛି ।ଦେଶ ସ୍ୱାଧୀନ ହେବା ପୂର୍ବରୁ ମୟୂରଭଞ୍ଜ ଗୋଟିଏ ରାଜ୍ୟ ଥିଲା । ଆଉ ମହାରାଜା ଥିଲେ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ । ସେତେବେଳେ ଗୋପବନ୍ଧୁ ଦାସ ଓକିଲାତି ପାଠ ପଢ଼ା ଶେଷ କରି ଚାଲି ଆସିଥିଲେ ମୟୂରଭଞ୍ଜ । ସେଠାରେ ସେ ଓକିଲାତି କରୁଥିଲେ । ଓଡ଼ିଶାର ପ୍ରଥମ



ପୌର ପରିଷଦ ଭାବେ ୧୯୦୫ ମସିହାରେ ପ୍ରତିଷ୍ଠା ହୋଇଥିବା ବାରିପଦା ପୌରପରିଷଦରେ ରାଜା ନଗରପାଳ ଥିବା ବେଳେ ଗୋପବନ୍ଧୁ ଦାସ ଉପ-ନଗରପାଳ ହୋଇଥିଲେ। ଏଥିସହ ରାଜାଙ୍କୁ ଆଇନ୍ ? ପରାମର୍ଶ ଦେଉଥିଲେ। ସେହି ସମୟରେ ସେ (ବର୍ତ୍ତମାନର ବାରିପଦା ଟାଉନ୍) ଏକ ଟାଇଲି ଛପର ଘରେ ରହୁଥିଲେ। ସେହି ଘର ଥିଲା ଗୋପବନ୍ଧୁ ଦାସଙ୍କ ଅନ୍ୟତମ ସାଧନା ପୀଠ । ସେଠାରେ ସେ ସାହିତ୍ୟ ସାଧାନା କରୁଥିଲେ ଓ ନିଜ ସହ କର୍ମୀଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରୁଥିଲେ।

## କେନ୍ଦୁଝର : କେନ୍ଦ୍ରର ଧାନ କିଣା ଓ ଚାଉଳ କାଟ ନୀତିକୁ ବିଜେଡିର ବିରୋଧ

କେନ୍ଦୁଝର, ୧୬।୨(ପି.ଏନ): ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ କେନ୍ଦ୍ର ବିଜେପି ସରକାର ଓଡିଶା ରାଜ୍ୟର ୩.୨୫ କୋଟି ଗରିବ ହିତାଧିକାରୀଙ୍କୁ ମୁଣ୍ଡ ପିଛା ୫ କେଜି ଲେଖାଁଏ ଚାଉଳ ଯୋଗାଣରୁ ବଂଚିତ କରାଯିବା ନିଷ୍ପତି ବିରୋଧରେ ବିଜୁ ଜନତା ଦଳ ସଦର ନିର୍ବାଚନ ମଣ୍ଡଳୀ ପକ୍ଷରୁ ଜିଲ୍ଲା ମୁଖ୍ୟାଳୟରେ ଗଣଧାରଣା ଓ ପ୍ରତିବାଦ ସଭା କରାଯାଇଛି । କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟରୁ ଧାନ କିଣାରେ କାଟ ଓ ଚାଉଳ କାଟର ପ୍ରତିବାଦ କରାଯାଇଛି । ଜିଲ୍ଲା ମୁଖ୍ୟାଳୟରେ ସ୍ଥାନୀୟ ନଗର ଭବନ ପଡିଆରୁ ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି କେନ୍ଦୁଝରଗଡ ପୌରପାଳିକା ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବହୁ ସଂଖ୍ୟାରେ ବିଜେଡି ନେତା ଓ କର୍ମୀ ଉପସ୍ଥିତ ହୋଇ ପ୍ରତିବାଦ ସଭା ଆୟୋଜନ କରିଥିଲେ । ପୁନର୍ବାର ଉକ୍ତ ଚାଉଳ ଗରିବ ହିତାଧିକାରୀଙ୍କୁ ଦେବା ପାଇଁ ପଦକ୍ଷେପ ନେବାକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ବିଜେଡି ନେତୃତ୍ୱ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । ଏଭଳି ପଦକ୍ଷେପ ନେଇ ନେତାମାନେ ଉଦ୍ ?ବୋଧନ ଦେଇ ମୋଦି ସରକାରଙ୍କୁ ସମାଲୋଚନା କରିବା ସହ ତୁରନ୍ତ ଗରିବଙ୍କ ଚାଉଳ ଦେବା ପାଇଁ ଦାବି କରିଥିଲେ । କେନ୍ଦ୍ର ସରକାରଙ୍କ ଏଭଳି ଜନମାରଣ ନୀତି କୁ ଘୋର ବିରୋଧ କରାଯାଇଥିଲା । କେନ୍ଦ୍ର ସରକାର ଏହି ନିଷ୍ପତି ର ତୁରନ୍ତ ସୁବିଚାର ନ କରନ୍ତି ତେବେ ଓଡିଶାବାସୀଙ୍କ ସ୍ୱାର୍ଥ ପାଇଁ ଆଗାମୀ ଦିନରେ ଦଳ ରାଜରାସ୍ତାକୁ ଓହ୍ଲାଇବ ବୋଲି ଦଳ ପକ୍ଷରୁ ଚେତାବଲୀ ଦିଆଯାଇଥିଲା । କେନ୍ଦ୍ର ବିଜେପ ସରକାର ଚାଉଳ କୁ ନେଇ ହୀନ ରାଜନୀତି କରିବା ସହ ଯେଭଳି ଗରିବ ଙ୍କ ପେଟକୁ ଲାତ ମାରୁଛି ଓଡିଶାବାସୀ ତାହାର ଜବାବ ଦେବେ ବୋଲି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର କହିଥିଲେ । ଓଡିଶାରୁ ଉଷୁନା ଚାଉଳ ଉଠାଣ ପରିମାଣ ହ୍ରାସ କରିବା ଫଳରେ ରାଜ୍ୟର ଲକ୍ଷ ଲକ୍ଷ ଚାଷୀଙ୍କ ଧାନ କ୍ରୟ ପ୍ରଭାବିତ ହେବ । ପୂର୍ବରୁ ୧୮ ଲକ୍ଷ ମେଟ୍ରିକ ଟନ ଚାଉଳ ଉଠୁଥିଲା । ଏବେ ଏହାକୁ କମାଇ ୪ଲକ୍ଷ ମେଟ୍ରିକ ଟନ୍‌କୁ ହ୍ରାସ କରାଯାଇଛି । ଏଥିସହ ଜାତୀୟ ଖାଦ୍ୟ ସୁରକ୍ଷା ଅଧିନିୟମ ଅଧିନରେ ୫କିଲୋ ମାଗଣା ଚାଉଳ ବ୍ୟତୀତ ପ୍ରତିମାସରେ ଆଉ ୫ କିଲୋ ଚାଉଳ ମାଗଣାରେ ମିଳୁଥିଲା । କେନ୍ଦ୍ର ସରକାର ଗରିବ ଅନ୍ନ ଯୋଜନାକୁ ବନ୍ଦ କରିବାରୁ ଗରିବ ଲୋକ ୫ କେଜି ଚାଉଳ ପାଇବାରୁ ବଂଚିତ ହୋଇଛନ୍ତି ବୋଲି ବରିଷ୍ଠ ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ କହିଛନ୍ତି । ଆଜିର ଏହି ଆନ୍ଦୋଳନରେ କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଏସ୍‌ଡିସି ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ, କେସିସି ବ୍ୟାଙ୍କର ସଭାପତି କାନନ ବିହାରୀ ପହି, ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, କେନ୍ଦୁଝରଗଡ ପୌରପାଳିକାର ଉପାଧ୍ୟକ୍ଷ ବରଦା ପ୍ରସନ୍ନ ଦାସ, ପୂର୍ବତନ ପୌରାଧ୍ୟକ୍ଷା ମୀନା ମାଝୀ, ରକ୍ଷାକର ସାହୁ, ଜଗଦିଶ ଆପଟ୍ଟ, କାଉନସିଲର ଶରତ କୁମାର ସାହୁ, ଭଗବାନ ନାଏକ, ବସନ୍ତ କୁମାର ସାହୁ, ପ୍ରମୋଦ ପଟ୍ଟନାୟକଙ୍କ ସମେତ ବହୁ ନେତା ଓ କର୍ମୀ ସାମିଲ ହୋଇଥିଲେ ।

## ଓଡ଼ିଶା ଓବିସିଙ୍କ ନିମନ୍ତେ ୨୭% ସଂରକ୍ଷଣ ଦାବି

ଭୁବନେଶ୍ୱର, ୧୬।୨(ପି.ଏନ): ଓଡ଼ିଶାରେ ଓବିସି ବର୍ଗଙ୍କୁ ୨୭% ସଂରକ୍ଷଣ ଦେବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି । ନିକଟ ଅତୀତରେ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ଓବିସିଙ୍କ ନିମନ୍ତେ ୨୭% ସଂରକ୍ଷଣ ସୁବିଧା ନିମନ୍ତେ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିବା ଦିଗରେ ଏକ ଦାବିପତ୍ର ଦିଆଯାଇଥିଲା । ଏଥିରେ ମଣ୍ଡଳ କମିଶନ ରିପୋର୍ଟ, ରାଜ୍ୟର ୧୯୯୦-୯୧ ବର୍ଷରେ ଜଷ୍ଟିସ୍ ଏନ୍.କେ. ଦାଶ କମିଶନଙ୍କ ସୁପାରିଶ ଏବଂ ଅତୀତରେ କେନ୍ଦ୍ର ସରକାର ଅଣସଂରକ୍ଷିତ ବର୍ଗଙ୍କ ନିମନ୍ତେ ଦେଇଥିବା ୧୦ ପ୍ରତିଶତ ସଂରକ୍ଷଣ ତଥ୍ୟ ଦିଆଯାଇଅଛି । ଭାରତ ସରକାର ଚାହିଁଲେ ଓଡ଼ିଶା ଓବିସିଙ୍କ ନିମନ୍ତେ ଏକ ସ୍ୱତନ୍ତ୍ର ପ୍ରସ୍ତାବ ସର୍ବୋଚ୍ଚ ନ୍ୟାୟାଳୟଙ୍କୁ ଦେଇପାରିବେ । ଏହି ସୁବିଧା ଏକ ସ୍ୱତନ୍ତ୍ର ଭାବରେ ଦିଆଯିବା ସପକ୍ଷରେ ଯୁକ୍ତି ସ୍ଥାପନ କରାଯାଇଅଛି । ଭବିଷ୍ୟତରେ କେନ୍ଦ୍ର କିମ୍ବା ରାଜ୍ୟ ସରକାରଙ୍କ ଓବିସି ଜନସଂଖ୍ୟା ଆକଳନ ଆଧାରରେ ଅଧିକ ସଂରକ୍ଷଣ ସୁବିଧା ମିଳିପାରିବ । ଏହି ପ୍ରସ୍ତାବ କାର୍ଯ୍ୟକାରୀ ସଭାପତି ଧୂଳେଶ୍ୱର ମାଣିଆଙ୍କ ଅଧ୍ୟକ୍ଷତାରେ ଅଫିସ୍ ଗୃହରେ ଏକ ଜରୁରୀ ସଭା ଜରିଆରେ ଗ୍ରହଣ କରାଯାଇଥିଲା । ଉକ୍ତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ସମ୍ପାଦକ ସରୋଜ କୁମାର ବେହେରା, ଉପସଭାପତି ଅର୍ଜୁନ ମହାକୁଡ, କୋଷାଧ୍ୟକ୍ଷ ଶ୍ରୀଧର ଦାସ, ସମ୍ପାଦକ ସରୋଜ କୁମାର ସାହୁ, କାର୍ଯ୍ୟକାରୀ ସଭ୍ୟ ଅକ୍ଷୟ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଲାଂଚ ନେବା ବେଳେ ଧରାପଡିଲେ ଆରଆଇ

ଭୁବନେଶ୍ୱର, ୧୬।୨(ପି.ଏନ) ୫ ହଜାର ଟଙ୍କା ଲାଂଚ ନେବା ଅଭିଯୋଗରେ କୁଚିଣ୍ଡା ବ୍ଲକ୍ ଅନ୍ତର୍ଗତ ଗୋଛରା ଆରଆଇଙ୍କୁ ଭିଜିଲାନ୍ସ ଗିରଫ କରିଛି । ଅଭିଯୁକ୍ତ ଆରଆଇ ଜଣକ ହେଲେ ସତ୍ୟ ନାରାୟଣ କଉଡି । ଜଣେ ଅଭିଯୋଗକାରୀଙ୍କଠାରୁ ଏକ ନାମଜାରି ମାମଲାରେ ପଟ୍ଟା ପ୍ରଦାନ ନିମନ୍ତେ ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ୫,୦୦୦ ଟଙ୍କା ଲାଂଚ ନେଇ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ ହେଇଛନ୍ତି ।

ସୂଚନା ଅନୁଯାୟୀ ଜଣେ ବ୍ୟକ୍ତିଙ୍କ ମ୍ୟୁଟେସନ୍ କେସ୍ ପାଇଁ ପଟ୍ଟା ଲାଗି ଇନକ୍ୱାରୀ ରିପୋର୍ଟ ଚାହୁଁଥିଲେ। ସମ୍ବଲପୁର ଜିଲ୍ଲା ମହୁଲପାଲି ଥାନା କୁଚିଣ୍ଡା ବ୍ଲକ୍ ର ଗୋଛରାର ଆରଆଇ ସତ୍ୟ ନାରାୟଣ କଉଡି ଏଥିପାଇଁ ୫ ହଜାର ଟଙ୍କା ମାଗିଥିଲେ। ଭିଜିଲାନ୍ସ ଚଢାଉ ବେଳେ ଏହି ଟଙ୍କା ଉଦ୍ଧାର କରାଯାଇଥିବା ବେଳେ ଆରଆଇଙ୍କୁ ଅଟକ ରଖାଯାଇଛି।

## ଦାୟିତ୍ୱ ପ୍ରଦାନରେ ପାତର ଅନ୍ତର ନୀତି; ସ୍କୁଲ୍ ଆଗରେ ଧାରଣା ଦେଲା ଏସଏଚ୍‌ଜି

ପାଟଣା ୧୬।୨(ପି.ଏନ: ଗୋଟିଏ ମହିଳା ଏସଏଚ୍‌ଜି ଗ୍ରୁପ୍‌କୁ ସ୍କୁଲ୍‌ର ବିଭିନ୍ନ କାମ ବୁଝିବାକୁ ଦାୟିତ୍ୱ ମିଳିବାରୁ ଅନ୍ୟ ଏକ ଗ୍ରୁପ୍‌ର ମହିଳାମାନେ ସ୍କୁଲ୍ ଆଗରେ ଆନ୍‌ଦୋଳନ କରିଛନ୍ତି। ଏପରି ଘଟଣା କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ମିରିଗିଖୋଜି କୁଣ୍ଡୁଳା ଉଚ୍ଚ ବିଦ୍ୟାଳୟ ଆଗରେ ଦେଖିବାକୁ ମିଳିଛି। ଖବର ଅନୁସାରେ, ବିଦ୍ୟାଳୟର ମଧ୍ୟାହ୍ନ ଭୋଜନ ସହ ରାତି ଜଗୁଆଳି, ପିଅନ ସହିତ ଝାଡୁଦାର ପଦବୀ ପାଇଁ ଗାଁର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର ମହିଳାଙ୍କୁ ମିଶନ ଶକ୍ତି ଦ୍ୱାରା ଦାୟିତ୍ୱ ଦିଆଯାଇଛି। ଏପରି ପାତର ଅନ୍ତର ନୀତିକୁ ବିରୋଧ କରି ଅନ୍ୟ ଏସଏଚ୍‌ଜି ମହିଳାମାନେ ଧାରଣା ଦେଇଛନ୍ତି। ତାଙ୍କୁ ମଧ ଦାୟିତ୍ୱ ଦେବାକୁ ସେମାନେ ଦାବି କରିଛନ୍ତି। ଦାବି ପୂରଣ ନହେଲା ପର୍ଯ୍ୟନ୍ତ ସେମାନେ ଧାରଣାରୁ ହଟିବେ ନାହିଁ ବୋଲି କହିଛନ୍ତି। ଏନେଇ ପଚ଼ାରିବାରୁ ''ଅଭିଯୋଗ ପାଇଛି ସରକାରଙ୍କ ନିୟମ ଅନୁସାରେ ଏସଏଚ୍‌ଜିକୁ ଚୟନ କରି ଦାୟିତ୍ୱ ଦିଆଯାଇଛି'' ବୋଲି ସାହାରପଡ଼ା ସମ୍ବନ୍ଧିତ ମହିଳା ବିକାଶ ଅଧିକାରିଣୀ ଦୀପ୍ତିମୟୀ ନାଏକ କହିଛନ୍ତି ।

## ବିଜେଡି ଗୁଣ୍ଡା ମୋତେ ହତ୍ୟା ପାଇଁ ଆସିଥିଲେ :ଜୟ ନାରାୟଣ

ସମ୍ବଲପୁର , ୧୬।୨(ପି.ଏନ): ନବ ଦାସ ହତ୍ୟା ନେଇ ମୁଁ କହୁଥିବାରୁ ବିଜେଡି, ସରକାର ଉତକ୍ଷିପ୍ତ ଅଛନ୍ତି । ତେଣୁ ବିଜେଡି ଗୁଣ୍ଡା ମୋତେ ହତ୍ୟା ପାଇଁ ଆସିଥିଲେ। ବିରୋଧୀ ଦଳର ନେତା ଜୟ ନାରାୟଣ ମିଶ୍ର ଏହା କହିଛନ୍ତି । ସେ କହିଛନ୍ତି ଯେ ମୁଁ ଆଜି ସର୍କିଟ ହାଉସରେ ଥିବା ଖବର ପାଇ ବିଜେଡି ଗୁଣ୍ଡା ଯାଇଥିଲେ' ମୋତେ ହତ୍ୟା କରିବାକୁ ସେମାନେ ଆସିଥିଲେ । ସେ କହିଛନ୍ତି ଯେ ମୋତେ ରାସ୍ତାରୁ ହଟାଇବାକୁ ବିଜେଡି, ରାଜ୍ୟ ସରକାର ଚକ୍ରାନ୍ତ ଚଳାଇଛନ୍ତି ।

## ଶେଷ ହେଲା କିଟ୍ ରୌପ୍ୟ ଜୟନ୍ତୀ ସମାରୋହ

ଭୁବନେଶ୍ୱର,୧୬।୨(: ଦୀର୍ଘ ୩ମାସ ଧରି ଚାଲିଥିବା କିଟ୍‌ର ରୌପ୍ୟ ଜୟନ୍ତୀ 'ସଏଲ ଟୁ ସିଲଭର' ଶାନ୍ତି ଶୃଙ୍ଖଳାର ସହ ଉଦ୍‌ଯାପିତ ହୋଇଛି । କିଟ୍‌ର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଗତ ନଭେମ୍ବର ୧୬ରୁ କିଟ୍‌ ଉତ୍ସବମୁଖର ରହିଥିଲା । ଆଜି କିଟ୍ ବିଶ୍ୱବିଦ୍ୟାଳୟର ୧୯ତମ ପ୍ରତିଷ୍ଠା ଦିବସରେ ନିରାଡମ୍ବର ଭାବେ ଏହା ଶେଷ ହୋଇଛି । ଉଦ୍‌ଯାପନୀ ଉତ୍ସବରେ କିଟ୍‌ ଓ କିସ୍‌ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, କିଟ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର.ଏନ୍‌ ଦାଶ, କିଟ୍ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳାଧିପତି ପ୍ରଫେସର ଏନ୍ ଏଲ୍ ମିତ୍ର, କିଟ୍‌ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସସ୍ମିତା ସାମନ୍ତ, ଉପକୁଳପତି ପ୍ରଫେସର ଶରନ୍‌ଜିତ୍‌ ସିଂ, ଡା ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ କିଟ୍‌ ଶିକ୍ଷାନୁଷ୍ଠାନ ସମୂହର ସମସ୍ତ କର୍ମଚାରୀ ଓ ଛାତ୍ରଛାତ୍ରୀ ମଧ୍ୟ ଉପସ୍ଥିତ ଥିଲେ । କିଟ୍‌ର




ରୌପ୍ୟ ଜୟନ୍ତୀ ପାଳନ ଉପଲକ୍ଷେ ଦୀର୍ଘ ୩ମାସ ଧରି କିଟ୍‌ କ୍ୟାମ୍ପସ୍‌ ଉତ୍ସବମୁଖର ରହିଥିଲା । କିଟ୍‌ର ବିଭିନ୍ନ କ୍ୟାମ୍ପସକୁ ରଙ୍ଗୀନ ଆଲୋକମାଳାରେ ସଜାଯାଇଥିବା ବେଳେ ପ୍ରତିଦିନ ସଂଧ୍ୟାରେ ବିଭିନ୍ନ କ୍ୟାମ୍ପସରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଖାଦ୍ୟ ମେଳାର ମଜା ନେଇଥିଲେ କିଟ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀ । ରୌପ୍ୟ ଜୟନ୍ତୀ ପାଳନ ଅବସରରେ ସର୍ବଭାରତୀୟ କୁଳପତି ସମ୍ମିଳନୀ, କିଟ୍‌ର ପୁରାତନ ଛାତ୍ରଛାତ୍ରୀ ସମ୍ମିଳନୀ, ଅଧ୍ୟୟନରତ ଛାତ୍ରଛାତ୍ରୀ ସମ୍ମିଳନୀ, ଅଭିଭାବକ ସମ୍ମିଳନୀ, କିଟ୍‌ କର୍ମଚାରୀଙ୍କ ପରିବାର ବନ୍ଧୁ ମିଳନ, ସମସ୍ତଙ୍କ ପାଇଁ ଶିକ୍ଷା ଅଧିକାର ନେଇ ଓଡିଶାର ସମସ୍ତ ଜିଲ୍ଲା ସଦର ମହକୁମା ଓ ସହର ସମେତ ଭାରତର ସମସ୍ତ ମହାନଗର ଏବଂ ବିଶ୍ୱର ୩୦ଟି ଦେଶରେ ମିନି ମାରଥନ୍‌ ଭଳି ବହୁ ମେଗା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରୌପ୍ୟ ଜୟନ୍ତୀ ପାଳନର ଶେଷ ୧୫ ଦିନ କିଟ୍‌ ସିଲ୍‌ଭର କାର୍ଣ୍ଣିଭାଲ ଆୟୋଜନ କରାଯାଇଥିଲା । ଶ୍ରୀ ସାମନ୍ତଙ୍କ ପ୍ରୟାସ କ୍ରମେ ଏଥି ସହ ଅନ୍ୟ ଏକ ନୂତନ କାର୍ଯ୍ୟକ୍ରମ କନ୍‌ଭର୍‌ଜେନ୍‌ସ ସାମିଲ୍‌ କରାଯାଇଥିଲା । ଜାତୀୟ ସଂହତି ଓ ଏକତା ବଜାୟ ରଖିବାର ପ୍ରୟାସ ସ୍ୱରୂପ କିଟ୍‌ରେ ଜାତୀୟ ମେଗା ସାଂସ୍କୃତିକ ଓ ନୃତ୍ୟ ମହୋତ୍ସବ ଆୟୋଜିତ ହୋଇଥିଲା । ଏଥିରେ ୨୫ ରାଜ୍ୟର ୨୫ଟି ବଛା ବଛା ଦଳ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନୃତ୍ୟ ପରିବେଷଣ କରିଥିଲେ । ଶ୍ରୀ ସାମନ୍ତଙ୍କ ପ୍ରୟାସ କ୍ରମେ ଏକ ମେଗା ରକ୍ତଦାନ ଶିବିର ମଧ୍ୟ ଆୟୋଜନ କରାଯାଇଥିଲା । ଏଥିରେ ରେକର୍ଡ ପରିମାଣର ୪୦୩୦ ୟୁନିଟ୍‌ ରକ୍ତ ସଂଗ୍ରହ କରାଯାଇଥିଲା । ଦୀର୍ଘ ୩ ମାସ ଧରି ଅତି ଶାନ୍ତି ଶୃଙ୍ଖଳାର ସହ କର୍ମଚାରୀ ଓ ଛାତ୍ରଛାତ୍ରୀ ରୌପ୍ୟ ଜୟନ୍ତୀ ପାଳନ କରିଥିବା ପ୍ରତିଷ୍ଠାତା ଶ୍ରୀ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ, ଅଭିଭାବକ ଓ ଶୁଭେଚ୍ଛୁମାନଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ କିଟ୍‌ ଶିକ୍ଷାନୁଷ୍ଠାନ ସମୂହର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।

## ଜୟନାରାୟଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ କଲେ ଧର୍ମେନ୍ଦ୍ର

ଭୁବନେଶ୍ୱର,୧୬।୨(ପି.ଏନ): ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର ଓ ମହିଳା ଥାନା ଅଧିକାରୀ ଧସ୍ତାଧସ୍ତି ବିବାଦ ଘନେଇବାରେ ଲାଗିଛି। ଏହି ପ୍ରସଙ୍ଗରେ ବିଜେଡି ଓ ବିଜେପି ମୁହାଁମୁହିଁ ହୋଇଥିବା ବେଳେ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି, ସରକାରୀ ଦଳ ନିଜର ଦୋଷ ଦୁର୍ବଳତା ଲୁଚାଇବା ପାଇଁ ପ୍ରାୟୋଜିତ କାର୍ଯ୍ୟକ୍ରମ କରୁଛନ୍ତି ।ଗଣମାଧ୍ୟମ ପ୍ରତିନିଧିଙ୍କ ପ୍ରଶ୍ନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି, ନବୀନବାବୁଙ୍କ ଦୟାରେ ଜୟନାରାୟଣ ବାବୁ ବିରୋଧୀ ଦଳ



ନେତା ହୋଇନାହାନ୍ତି। ଭାରତୀୟ ଜନତା ପାର୍ଟିର ପାର୍ଲାମେଣ୍ଟାରୀ ବୋର୍ଡର ନିଷ୍ପତ୍ତିରେ ହୋଇଛନ୍ତି। ବାକି ରହିଲା ନୈତିକତା କଥା- ରାଜ୍ୟରେ ଅଧା ଡଜନରୁ ଅଧିକ ମନ୍ତ୍ରୀ ପ୍ରତ୍ୟକ୍ଷ ହତ୍ୟା ଓ ବିଭିନ୍ନ କେଲେଙ୍କାରୀରେ ଅଭିଯୁକ୍ତ ଅଛନ୍ତି। ସେମାନଙ୍କ ଉପରେ ଓଡିଶାବାସୀ ଅଙ୍ଗୁଳି ଉଠାଇଲା ପରେ ମଧ ଅଛନ୍ତି। ତେଣୁ ଚାଲୁଣି କ'ଣ ଛୁଞ୍ଚିକି କହିବ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି।

## ସରଗରମ ହେଉଛି ପୁରୀ ରାଜନୀତି : କିଏ ହେବେ ବିଜେଡ଼ି ପ୍ରାର୍ଥୀ !

ପୁରୀ, ୧୬।(ପି.ଏନ): ପୁରୀ ଜିଲ୍ଲାର ୬ଟି ନିର୍ବାଚନ ମଣ୍ଡଳୀ ମଧ୍ୟରେ ପୁରୀ ସଦର ନିର୍ବାଚନ ମଣ୍ଡଳୀର ରାଜନୀତି ଦିନକୁ ଦିନ ସରଗରମ ହେବାରେ ଲାଗିଛି । ଅନ୍ୟ ଦଳ ଅପେକ୍ଷା ବିଜେଡ଼ି ଦଳ ପକ୍ଷରୁ କିଏ ବିଧାୟକ ପାର୍ଥୀ ହେବେ ତାକୁ ନେଇ ଭୋଟରମାନେ ଆଶା ଆଶଙ୍କାରେ ରହିଛନ୍ତି । ଦୀର୍ଘ ଦିନ ଧରି ଅଣ କଂଗ୍ରେସ ଦଳର ନେତା ଭାବେ ଜନତା ଦଳ ଓ ପରେ ବିଜୁ ଜନତା ଦଳରେ ମହେଶ୍ୱର ମହାନ୍ତି ବିଧାୟକ ଭାବେ ଗଡ଼ ରକ୍ଷା କରିଥିଲେ । ୨୦୧୯ ନିର୍ବାଚନରେ ବିଜେଡ଼ିରୁ ଯାଇ ବିଜେପିରେ ଯୋଗଦେଇ ଜୟନ୍ତ କୁମାର ଷଡ଼ଙ୍ଗୀ ବିଧାୟକ ଭାବେ ବିଜୟ ଲାଭ କରିଥିଲେ । ବିଜେଡ଼ି ଦଳର ଭୋଟ ଅଧିକା ଥିବାବେଳେ କିଛି ଅସନ୍ତୁଷ୍ଟ ବିଜେଡ଼ି କର୍ମୀଙ୍କ ପାଇଁ ବିଜେଡ଼ି ହାରିଥିବା ଆଲୋଚନା ହୋଇଥିଲା । ରାଜନୈତିକ ଗୋଟି ଚାଳନାରେ ମହେଶ୍ୱର ମହାନ୍ତି ସିଦ୍ଧହସ୍ତ ଥିବାବେଳେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ ଦଇବାତ ଏହି ପଦବିକୁ ଅକ୍ତିଆର କରିଥିଲେ । ପୁରୀ ବିଧାନସଭା ଆସନ ପାଇଁ ବିଜେଡ଼ି ଦଳ ପକ୍ଷରୁ ବହୁ ଆଶାୟୀ ପ୍ରାର୍ଥୀ ଥିବା ବେଳେ ଗତକାଲି ମହେଶ୍ୱରଙ୍କ ଧର୍ମପତ୍ନୀ ବିଷ୍ଣୁପ୍ରିୟା ମହାନ୍ତି ଆଶାୟୀ ତାଲିକାରେ ଯୋଡ଼ି ହୋଇଥିବା ସହରରେ ଚର୍ଚ୍ଚା ହୋଇଛି । ପିପିଲିରେ ଯେପରି ପ୍ରଥମରୁ ଟିକେଟ ପାଇଁ ପ୍ରତିଭା ମହାରଥୀ, ରୁଦ୍ର ମହାରଥୀ ଓ ଅନ୍ୟ ଜଣେ ପ୍ରଶାସନିକ ଅଧିକାରୀଙ୍କ ନାମ ଚର୍ଚ୍ଚାକୁ ଆସିଥିବା ବେଳେ ଶେଷରେ ରୁଦ୍ର ମହାରଥୀ ପ୍ରାର୍ଥୀ ହୋଇଥିଲେ । ସେହି ତରିକାରେ ଗୋଟି ଚାଳନା କରାଯାଉଛି ବୋଲି ଚର୍ଚ୍ଚା ହେଉଛି । ଅନ୍ୟପକ୍ଷରେ ପୌର ନିର୍ବାଚନ ହୋଇନଥିଲେ ମଧ୍ୟ ଅନେକ ଆଶାୟୀ ପ୍ରାର୍ଥୀ ଦୌଡ଼ରେ ଥିବାବେଳେ ଚେୟାରମ୍ୟାନ ପଦବି ମହିଳା ହୋଇ ଯାଇଥିଲା । ସେହି ନ୍ୟାୟରେ ମହିଳା ପ୍ରାର୍ଥୀ ଚୟନ କରାଗଲେ ଅନ୍ୟ ପ୍ରାର୍ଥୀମାନେ ଲଢେଇରୁ ଓହରି ଯିବା ପାଇଁ ମାନସିକ ସ୍ଥିତିରେ ପ୍ରସ୍ତୁତ ହୋଇଯିବେ ବୋଲି ଭିତିରି ଆଲୋଚନା ହେଉଛି । ଅନ୍ତଃ ଆଶାୟୀ ଓ ଓପନ ଆଶୟୀ ପ୍ରାର୍ଥୀ ଅନେକ ରହିଛନ୍ତି । ସେମାନଙ୍କ ମଧ୍ୟରେ ଶୁଭାଶିଷ ଖୁଂଟିଆ (ଲକି) ଖୋଲାଖୋଲି ପ୍ରାର୍ଥୀ ଭାବେ ପ୍ରଚାର ଓ ସଂଗଠନ ସୁଦୃଢ କରୁଥିବା ବେଳେ ମହେଶ୍ୱର ମହାନ୍ତି ଓ ସୁନିଲ ମହାନ୍ତି ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ସଂଗଠନକୁ ସଂଗଠିତ କରୁଥିବା ଦେଖିବାକୁ ମିଳୁଛି । ଅନ୍ତଃ ଆଶାୟୀଙ୍କ ମଧ୍ୟରେ ଦିବାକର ପାତ୍ର, ପ୍ରସନ୍ନ କୁମାର ମିଶ୍ର (ଲିଟୁ),ପୁଷ୍ପାଞ୍ଜଳି ରଣା,ଶକ୍ତିଲତା ପ୍ରଧାନ,ଅରୁଣିମା ନନ୍ଦ,ବିଶ୍ୱଜିତ ପ୍ରଧାନ,ବରିଷ୍ଠ ଆଇନଜୀବୀ ବିଜୟ କୁମାର ମିଶ୍ର ଆଦି ଅନେକ ପ୍ରାର୍ଥୀ ଭିତିରି ଭିତିରି ପରିସ୍ଥିତି ଭିତର ତୀକ୍ଷ୍ଣ ନଜର ରଖିଛନ୍ତି । ସେହିପରି ଶୁଣାଯାଉଛି ପୁରୀର ପୂର୍ବତନ ବିଧାୟକ ଟାଣୁଆ ଯୁବନେତା ଉମାବଲ୍ଲଭ ରଥ ଶେଷ ମୁହୂର୍ତ୍ତରେ ବିଜେଡ଼ିରେ ଯୋଗଦେଇ ବିଧାୟକ ପ୍ରାର୍ଥୀ ହେବା ପାଇଁ ଗୋଟିଏ ଗୋଷ୍ଠି ଭିତରେ ଭିତରେ ଲବି କରୁଥିବା ଶୁଣିବାକୁ ମିଳୁଛି । ଅନ୍ୟପକ୍ଷରେ ଜୟନ୍ତ କୁମାର ଷଡ଼ଙ୍ଗୀ ବିଜେପିରୁ ପ୍ରାର୍ଥୀ ହେବା ସମ୍ଭାବନା ଅଧିକ ଥିବାବେଳେ ଯଦି ବିଜେଡ଼ି ଡ଼ାକେ ତେବେ ସେ ମନା କରିପାରିବେ ନାହିଁ ବୋଲି ସହରରେ ଆଲୋଚନା ହେଉଛି । ପୁରୀରେ ଯଦି ଗୋଷ୍ଠି କନ୍ଦଳ ତୀବ୍ରତର ହୁଏ ତେବେ ବ୍ରହ୍ମଗିରିରୁ ପୂର୍ବତନ ବିଧାୟକ ସଞ୍ଜୟ କୁମାର ଦାସବର୍ମା ପୁରୀରୁ ପ୍ରାର୍ଥୀ ହେବାର ସମ୍ଭାବନା ରହିଛି । ବିଜେପି ପକ୍ଷରୁ ୨/୩ ଜଣ ଆଶାୟୀ ଥିବା ବେଳେ କଂଗ୍ରେସ ପକ୍ଷରୁ ଏପର୍ଯ୍ୟନ୍ତ କିଏ ପ୍ରାର୍ଥୀ ହେବ ତାହା ଜଣାପଡ଼ିନାହିଁ । ଆମ ଆଦମୀ ପାର୍ଟି ତରଫରୁ ପ୍ରଥମ ଥର ପାଇଁ ପୁରୀରେ ପ୍ରାର୍ଥୀ ଦେବା ସମ୍ଭାବନା ରହିଛି । ସର୍ବଶେଷରେ ବିଜେଡ଼ିର ଜିଲ୍ଲା ସଭାପତି ମହେଶ୍ୱର ମହାନ୍ତିଙ୍କ ଗୋଟି ଚାଳନାକୁ ଭୋଟରମାନେ ଅପେକ୍ଷା କରିଛନ୍ତି ।

## କ୍ରାଇମବ୍ରାଂଚ କଣ କହୁଛି ତାକୁ ଅପେକ୍ଷା କରାଯାଇଛି : ଦିପାଳୀ ଦାସ

ଭୁବନେଶ୍ୱର, ୧୬।୨ (ପି.ଏନ): ମନ୍ତ୍ରୀ ନବ କିଶୋର ଦାସ ଦାସଙ୍କ ହତ୍ୟାକାଣ୍ଡକୁ ୧୮ ଦିନ ବିତିଥିବା ବେଳେ ପ୍ରଥମଥର ପାଇଁ ମୁହଁ ଖୋଲିଛନ୍ତି ତାଙ୍କ ଝିଅ ଦିପାଳୀ ଦାସ । ସେକହିଛନ୍ତି, କ୍ରାଇମବ୍ରାଂଚ ତଦନ୍ତ ଶେଷ ହେବା ପରେ ସେ କିମ୍ବା ତାଙ୍କ ପରିବାର ପ୍ରତିକ୍ରିୟା ରଖିବେ । ହତ୍ୟାର କାରଣ ବାବଦରେ କ୍ରାଇମବ୍ରାଂଚ କଣ କହୁଛି ତାକୁ ଅପେକ୍ଷା କରାଯାଇଛି । ସେହିପରି ବିରୋଧୀଙ୍କ ସିବିଆଇ ତଦନ୍ତ ଦାବି ଉପରେ ପ୍ରତିକ୍ରିୟା ରଖିଛନ୍ତି ଦିପାଳୀ । ନବ ଦାସଙ୍କୁ ସମସ୍ତେ ଭଲ ପାଉଥିଲେ । ତେଣୁ ହତ୍ୟାର କାରଣ ଜାଣିବା ପାଇଁ ସମସ୍ତେ ଚାହୁଁଛନ୍ତି ଓ ସେହି ଅନୁସାରେ ନିଜ ନିଜର ମତ ରଖୁଛନ୍ତି । ଗଣତନ୍ତ୍ରରେ ସମସ୍ତଙ୍କୁ ସ୍ୱାଧୀନ ମତବ୍ୟକ୍ତ କରିବାର ଅଧିକାର ରହିଛି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟୁଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚାଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ

ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ



ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତୃ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୁକୁର ପେଟରେ ଅଜବ ଖାଦ୍ୟ

ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ



କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା

ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର



ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କୈନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।




# ଐତିହ୍ୟସମ୍ପନ୍ନ ଗଞ୍ଜାମର ଚନ୍ଦନଯାତ୍ରା



ଓଡ଼ିଆ ଜାତିର ପ୍ରାଚୀନ ଇତିହାସକୁ ଅନୁଧ୍ୟାନ କଲେ ଏକ ବିକାଶଶୀଳ ଓ ସମୃଦ୍ଧ ଗୋଷ୍ଠୀର ରୂପଚିତ୍ର ସ୍ପଷ୍ଟ ହୋଇ ଉଠେ । ଉଡ୍ର, କଳିଙ୍ଗ, କୋଶଳ ପରି ବହୁ ନାମରେ ପରିଚିତ ଓଡ଼ିଆ ଜାତି ଯୁଗେ ଯୁଗେ ଆପଣାର ସ୍ୱତନ୍ତ୍ର ବୈଶିଷ୍ଟ୍ୟକୁ ବିଶ୍ୱ ଦରବାରରେ ପ୍ରତିପାଦିତ କରିଅଛି । ବିଶେଷକରି କଳିଙ୍ଗ ଭାବରେ ପରିଚିତ ଗଞ୍ଜାମ ଅଞ୍ଚଳ ଏକ ସ୍ୱତନ୍ତ୍ର ସ୍ୱୀକୃତିର ଅପେକ୍ଷା ରଖିଥାଏ । ପୁଣ୍ୟତୋୟା ଋଷିକୁଲ୍ୟାର ଶୀତଳ ପବନ ଯାହାର ଶରୀରକୁ ଝଙ୍କୃତ କରେ, ନୀଳ ବଙ୍ଗୋପସାଗର ଯେଉଁ ସହରର ଚରଣକୁ ସ୍ପର୍ଶ କରେ; ସେହି ହେଉଛି ସଂସ୍କୃତି ଐତିହ୍ୟର ଐତିହାସିକ ସହର ଗଞ୍ଜାମ । ଯାହାକୁ ନେଇ ସମଗ୍ର ଜିଲ୍ଲାର ନାମକରଣ କରାଯାଇଛି । ତେଣୁ ଆଧୁନିକ ଓଡ଼ିଶାର ମାନଚିତ୍ରରେ ଗଞ୍ଜାମ ନାମକ ପ୍ରଶାସନିକ ନାମକରଣରୁ ଗଢ଼ିଉଠିଥିବା ଗଞ୍ଜାମ ଜିଲ୍ଲା ଗଞ୍ଜାମ ସହରକୁ ନେଇ ଗର୍ବିତ ହେବା ସ୍ୱାଭାବିକ । ଇତିହାସ କହେ, ଏକ ପ୍ରସିଦ୍ଧ ବାଣିଜ୍ୟ କେନ୍ଦ୍ର ଭାବରେ ଏ ଅଞ୍ଚଳ ବିକାଶଲାଭ କରିଥିଲା । ଅଷ୍ଟାଦଶ ଶତାବ୍ଦୀର ଆଦ୍ୟଭାଗରେ ଗଞ୍ଜାମ ଅଞ୍ଚଳ ଥିଲା ଗଞ୍ଜାମ ଜିଲ୍ଲାର ଏକ ପ୍ରମୁଖ ତଥା ସାଂସ୍କୃତିକ ପ୍ରାଣକେନ୍ଦ୍ର । ଅତୀତର ସ୍ମୃତିକୁ ବହନ କରି ଆଜି ବି 'ପୋତାଗଡ଼' ଏହି ସତ୍ୟକୁ ଉପସ୍ଥାପିତ କରି ଆସୁଅଛି । ଏପରିକି ନୀଳ ବୀଚିମାଳା ଭରା ସାଗର ଗର୍ଭରେ ଗଞ୍ଜାମ ଜିଲ୍ଲାର ସୁଦୀର୍ଘ ନଦୀ 'ଋଷିକୁଲ୍ୟା' ନିଜର ସମସ୍ତ ଅସ୍ତିତ୍ୱ ହରାଇ ଏହି ଗଞ୍ଜାମ ଅଞ୍ଚଳ ନିକଟରେ ମିଶିଯାଇଛି । ପୁଣ୍ୟତୋୟା ଋଷିକୁଲ୍ୟା ଓ ବଙ୍ଗୋପସାଗର ଏକ ସଙ୍ଗରେ ପଦଧୌତ କରୁଥିବା ଐତିହାସିକ ସହର ହେଉଛି ଏହି ଗଞ୍ଜାମ ।

ଏ ପରିପ୍ରେକ୍ଷୀରେ କହିରଖେ ଏହି ଐତିହ୍ୟ ସମ୍ପନ୍ନ ଗଞ୍ଜାମ ସହର ଉତ୍କଳୀୟ ଆରାଧନା ପରମ୍ପରାର ଅକ୍ଷତ ସ୍ମାରକୀକୁ ବହନ କରିଥାଏ । ଏଠାକାର ସଂସ୍କୃତି ଶୈବ, ଶାକ୍ତ ଓ ବୈଷ୍ଣବ ଆଦି ସର୍ବଧର୍ମରେ ପରିପୁଷ୍ଟ ହୋଇଛି । ଏପରିକି ଏହି ସହରକୁ ମନ୍ଦିରମାଳିନୀ ସହର ରୂପେ ବିବେଚନା କଲେ ଅତ୍ୟୁକ୍ତି ହେବନାହିଁ । କାରଣ ଏହି ଅଞ୍ଚଳରେ ବହୁ ଦେବଦେବୀ ମନ୍ଦିର ପ୍ରାଚୀନ କାଳରୁ ହ ପ୍ରତିଷ୍ଠା ଲାଭ କରିଛି । କିମ୍ବଦନ୍ତୀ କହେ ମହାପ୍ରଭୁ ଶ୍ରୀଚୈତନ୍ୟ ଏହି ଅଞ୍ଚଳରେ ହରିନାମ କୀର୍ତ୍ତନ କରି ପୁନର୍ବାର ପ୍ରତ୍ୟାଗମନ କରିଥିଲେ । ସେହି ସ୍ମୃତିର ସ୍ମାରକୀ ସ୍ୱରୂପ ଆଜି ଏଠାରେ ଚୈତନ୍ୟ ମଠ ଶୋଭା ପାଉଛି । ଠିକ୍ ସେହିପରି ଏଠାରେ ଅବସ୍ଥାପିତ ଦୁର୍ଗାଦେବୀ ମନ୍ଦିର ଶାକ୍ତ ପରମ୍ପରାର ସ୍ମୃତିକୁ ଉଜ୍ଜୀବିତ କରିଥାଏ । କିମ୍ବଦନ୍ତୀ କହେ ସମୁଦ୍ରରେ ଭାସମାନ ମୂର୍ତ୍ତି ଏଠାରେ ଦୁର୍ଗାଦେବୀ ରୂପେ ପୂଜା ପାଇ ଆସୁଛି । ଗଞ୍ଜାମ ଐତିହ୍ୟର ଅନ୍ୟତମ ସ୍ମାରକୀ ଭାବରେ ଗଦାଧର ସାମନ୍ତରାୟଙ୍କ ଦ୍ୱାରା ନିର୍ମିତ ଶ୍ରୀ ଶ୍ରୀ ମଦନମୋହନ ଗୋପାଳ ସ୍ୱାମୀଙ୍କ ମନ୍ଦିର ଓ ଏହାର ସମ୍ମୁଖ ଭାଗରେ ଶୋଭାପାଉଥିବା ସୁବିଶାଳ ବର୍ଗାକାର ଆକୃତିର ପ୍ରସ୍ତର ପାବଚ୍ଛ ପରିବେଷ୍ଟିତ ପୁଷ୍କରିଣୀ ବେଶ୍ ସ୍ମରଣୀୟ । ଏହି ପୁଷ୍କରିଣୀରେ ହିଁ ଅନୁଷ୍ଠିତ ହୋଇଥାଏ ଗଞ୍ଜାମର ପ୍ରସିଦ୍ଧ ଶ୍ରୀ ଶ୍ରୀ ଗୋପାଳସ୍ୱାମୀଙ୍କ ଚନ୍ଦନଯାତ୍ରା । ଶୁଣାଯାଏ ସାମନ୍ତରା ସାହି ନିବାସୀ ସୁପ୍ରସିଦ୍ଧ ସାମନ୍ତରା ବଂଶର ଆଧ୍ୟାତ୍ମବାଦୀ ପୁରୁଷ ସ୍ୱର୍ଗତଃ ଗଦାଧର ସାମନ୍ତରାୟ ସୁଦୂର ବୃନ୍ଦାବନରୁ ଶ୍ରୀ ଶ୍ରୀ ମଦନମୋହନ ଗୋପାଳ ସ୍ୱାମୀଙ୍କ ବିଗ୍ରହକୁ ଆପଣାର ମସ୍ତକରେ ବହନ କରି ଦୀର୍ଘପଥ ଅତିକ୍ରମ କରି ଆସିବା ସହ ଏହି ପୁଷ୍କରିଣୀର ପଶ୍ଚିମ ପାର୍ଶ୍ୱରେ ମନ୍ଦିର ସ୍ଥାପନା କରିଥିଲେ । ତତ୍ସହିତ ପ୍ରଚଳନ କରିଥିଲେ ଐତିହାସିକ ଦୋଳ ଓ ଚନ୍ଦନଯାତ୍ରା । ଏଠାରେ କହିରଖେ ଅତୀତରେ ଶ୍ରୀଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ଠାରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ସମୟକ୍ରମେ ପ୍ରତ୍ୟେକ ସାହିରେ ଗୋଟିଏ ଗୋଟିଏ ରାଧାକୃଷ୍ଣ ମନ୍ଦିର ନିର୍ମାଣ ନିମନ୍ତେ ସାହିବାସୀଙ୍କୁ ଉତ୍ସାହିତ କରିଥିଲା ।

ଏ ପରିପ୍ରେକ୍ଷୀରେ କହିରଖେ ଏହି ଐତିହାସିକ ସମୃଦ୍ଧଶାଳୀ ଗଞ୍ଜାମ ଅଞ୍ଚଳବାସୀଙ୍କ ଆଧ୍ୟାତ୍ମିକ ଇତିବୃତ୍ତକୁ ବହନ କରିଆସିଥିବା ଏହି ଚନ୍ଦନଯାତ୍ରା ପ୍ରତି ଦ୍ୱାଦଶ ବର୍ଷରେ ଅନ୍ୟୁନ ଥରକ ପାଇଁ ଅନୁଷ୍ଠିତ ହେବା ଆବଶ୍ୟକ । ଯଦି କୌଣସି ଘଟଣାକ୍ରମରେ ଏହି ଯାତ୍ରା ଯଦି ଦ୍ୱାଦଶ ବର୍ଷ ମଧ୍ୟରେ ଅନୁଷ୍ଠିତ ହୋଇ ନପାରେ ତେବେ ଆଗାମୀ ବାରବର୍ଷ ପର୍ଯ୍ୟନ୍ତ ଏହା ପାଳନ କରାଯାଇ ପାରିବ ନାହିଁ । କିନ୍ତୁ ଏଭଳି କୌଣସି ଅଘଟଣ କେବେ ଘଟିନାହିଁ । ବରଂ ଏହି ବାରବର୍ଷର ସମୟ ସୀମା ମଧ୍ୟରେ ଦୁଇରୁ ତିନିଥର ମଧ୍ୟ ଯାତ୍ରା ଅନୁଷ୍ଠିତ ହେବାର ଦେଖାଯାଇଛି । ପବିତ୍ର ଶ୍ରୀରାମ ନବମୀ ଅବସରରେ ଶୁଭଖୁଣ୍ଟି ସ୍ଥାପନ କରାଯାଏ । ଏକ ଦୀର୍ଘ ବାଉଁଶକୁ ଚିତ୍ରିତ କରି ସ୍ୱତନ୍ତ୍ର ପୂଜା ସହ ସ୍ଥାପିତ କରାଯାଇଥାଏ । କିନ୍ତୁ ଯାତ୍ରା ପବିତ୍ର ଅକ୍ଷୟ ତୃତୀୟ ତିଥିରୁ ଆରମ୍ଭ ହୋଇ ପ୍ରଥମ ଦିନରେ ଶ୍ରୀଶ୍ରୀ ମଦନମୋହନ ଗୋପାଳ-ସ୍ୱାମୀଙ୍କ ନଗର ପରିକ୍ରମା ଅନୁଷ୍ଠିତ ହୁଏ । ଏହି ପରିକ୍ରମାରେ ଶ୍ରୀଶ୍ରୀ ଗୋପାଳ-ସ୍ୱାମୀ ସମଗ୍ର ନଗର ପରିକ୍ରମାର ଅର୍ଦ୍ଧାଂଶ ପରିକ୍ରମା କରି ଫେରିଆସନ୍ତି । ଏହି ପରିକ୍ରମା ମଧ୍ୟରେ ଥାଏ ସାମନ୍ତରା ସାହି, ମଧ୍ୟଖଣ୍ଡ ସାହି, ଦୁର୍ଗାଦେବୀ ସାହି, ଚୌଧୁରୀ ସାହି, ପଣ୍ଡା ସାହି ସମେତ କରଣ ସାହି । କାରଣ ଏହି ପ୍ରସିଦ୍ଧ ଚନ୍ଦନଯାତ୍ରା ଦୁଇଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇଥାଏ । ଦୀର୍ଘ ଏକୋଇଶି ଦିନ ଧରି ଅନୁଷ୍ଠିତ ହେଉଥିବା ଏହି ଯାତ୍ରାର ପ୍ରଥମ ପର୍ଯ୍ୟାୟ ପ୍ରଥମ ଦିବସରୁ ଚତୁର୍ଦ୍ଦଶ ଦିବସ ଏବଂ ଦ୍ୱିତୀୟ ପର୍ଯ୍ୟାୟ ପଞ୍ଚଦଶ ଦିବସ ଠାରୁ ଏକବିଂଶ ଦିବସ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । ତେଣୁ ଶ୍ରୀ ଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ନଗର ପରିକ୍ରମାର ଅବଶିଷ୍ଟାଂଶ ଦ୍ୱିତୀୟ ପର୍ଯ୍ୟାୟ ପ୍ରାରମ୍ଭରେ ଅନୁଷ୍ଠିତ ହୁଏ । ଏହି ପରିକ୍ରମା ମଧ୍ୟରେ ରାଉଳ ସାହି, ବ୍ରାହ୍ମଣ ଡାମଣା ସାହି, ଓଡ଼ିଆ ଡାମଣା ସାହି, ସାନବଜାର, ନୂଆସାହି ଆଦି ଥାଏ । ଛତ୍ରି, ତୋରଣ, ଆଲଟ, ଚାମର, ପଙ୍ଖା, ରଙ୍ଗବେରଙ୍ଗ ପତାକା ଆଦି ସହ ଘଣ୍ଟ, ଘଣ୍ଟା, ଶଙ୍ଖ ଧ୍ୱନିର ସଂକୀର୍ତ୍ତନରେ ଠାକୁର ନଗର ପରିକ୍ରମା କରିଥାନ୍ତି । ତା'ପରେ ରଙ୍ଗବେରଙ୍ଗ ବସ୍ତ୍ରରେ ପରିଶୋଭିତ ତଥା ବିଦ୍ୟୁତ୍ ଆଲୋକରେ ବିଭୂଷିତ ବିମାନାକୃତି ଚାପ ଉପରେ ନୌକାବିହାର ନିମନ୍ତେ ବିରାଜମାନ କରନ୍ତି ।



ଏ ଅବସରରେ ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ଦାମୋଦରପୁର ଗ୍ରାମର ଅବଦାନକୁ ସ୍ମରଣ କରାଯାଇପାରେ । କାରଣ ଏହି ଗ୍ରାମର କୈବର୍ତ୍ତ ଭକ୍ତବୃନ୍ଦ ଶ୍ରୀ ଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ଚନ୍ଦନଯାତ୍ରା ସହ ଅଙ୍ଗାଙ୍ଗୀ ଭାବେ ଜଡ଼ିତ । ଦୀର୍ଘ ଏକୋଇଶି ଦିନର ଏହି ଯାତ୍ରା କାଳରେ ସେମାନଙ୍କର ଡଙ୍ଗାଗୁଡ଼ିକ ଠାକୁରଙ୍କ ଚାପ ପ୍ରସ୍ତୁତି ପାଇଁ ବ୍ୟବହାର କରାଯିବା ସହ ସେମାନେ ନାଉରିଆର ଗୁରୁ ଦାୟିତ୍ୱ ମଧ୍ୟ ବହନ କରିଥାନ୍ତି ।

ଶ୍ରୀ ଶ୍ରୀ ମଦନମୋହନ ଗୋପାଳସ୍ୱାମୀଙ୍କ ନୌକାବିହାର ନିମନ୍ତେ ପ୍ରସ୍ତୁତ ଚାପ ବୈଦିକ ପଦ୍ଧତି ଅନୁଯାୟୀ ତିନୋଟି ଡଙ୍ଗାକୁ ଏକତ୍ର କରାଯାଇ ପ୍ରସ୍ତୁତ କରାଯାଇଥାଏ । ପ୍ରସ୍ତୁତ ଏହି ଚାପଗୁଡ଼ିକର ମଧ୍ୟ ସ୍ୱତନ୍ତ୍ର ମାପ ଦେଖିବାକୁ ମିଳେ । ଠାକୁର ଚାପ ୧୫ଫୁଟ ଦୈର୍ଘ୍ୟ ଓ ପ୍ରସ୍ଥ ବିଶିଷ୍ଟ ବର୍ଗାକାର ଆକୃତିର ହୋଇଥିବା ସ୍ଥଳେ ନିଆଳି ଚାପ ୧୨ ଫୁଟ ଦୈର୍ଘ୍ୟ ପ୍ରସ୍ଥ ବିଶିଷ୍ଟ ବର୍ଗାକାର ହୋଇଥାଏ । ନିଆଳି ଚାପରେ କେବଳ ନାଉରିଆ ଭାଇମାନେ ଠାକୁର ଚାପର ଆଗେ ଆଗେ ଭଜନ କୀର୍ତ୍ତନ କରିଥାନ୍ତି । କିନ୍ତୁ ଠାକୁର ଚାପ ବିମାନ ଆକୃତିରେ ବିଶ୍ୱକର୍ମା ଦ୍ୱାରା ତିଆରି କରାଯିବା ସହ ବିଭିନ୍ନ ରଙ୍ଗବେରଙ୍ଗ ସିଲ୍କ ବସ୍ତ୍ର, ରଙ୍ଗୀନ କାଗଜ ଓ ବିଦ୍ୟୁତ୍ ଆଲୋକରେ ସଜାଯାଇଥାଏ । ଏ ଅବସରରେ କହିରଖେ ଏହି ଚାପ ପ୍ରସ୍ତୁତ ପୂର୍ବରୁ ନୌକାଗୁଡ଼ିକୁ ଋଷିକୁଲ୍ୟା ନଦୀରୁ ପୁଷ୍କରିଣୀ ପର୍ଯ୍ୟନ୍ତ ଆଣିବା ଦୃଶ୍ୟ ମଧ୍ୟ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିଥାଏ । ପ୍ରଥମେ ନଦୀକୂଳରେ ଗଙ୍ଗାଦେବୀଙ୍କ ସ୍ୱତନ୍ତ୍ର ପୂଜା କରାଯାଇ; ତତ୍ପରେ ଘଣ୍ଟ, ଘଣ୍ଟା, କାହାଳୀ ଓ ମୃଦଙ୍ଗର ତାଳେ ଝତାଳେ ନୌକାଗୁଡ଼ିକୁ ଶଗଡ଼ ମାଧ୍ୟମରେ ଗୋପାଳସ୍ୱାମୀଙ୍କ ଜୟଜୟ ଧ୍ୱନିରେ ପୁଷ୍କରିଣୀ ନିକଟକୁ ଅଣାଯାଇଥାଏ । ଏହି ନୌକା ଆଣିବା ପର୍ବ ବୈଶାଖ କୃଷ୍ଣ ଏକାଦଶୀ ତିଥିରେ ଅନୁଷ୍ଠିତ ହୋଇଥାଏ । ଏହି ଦିନଠାରୁ ବୈଶାଖ ଶୁକ୍ଳ ଦ୍ୱିତୀୟା ପର୍ଯ୍ୟନ୍ତ ଚାପ ନିର୍ମାଣ କାର୍ଯ୍ୟ କରାଯାଇ, ଅକ୍ଷୟ ତୃତୀୟ ତିଥିରେ ଚାପ ପ୍ରତିଷ୍ଠା ପରେ ଠାକୁର ବିଜେ କରିଥାନ୍ତି । ଅକ୍ଷୟ ତୃତୀୟା ଅର୍ଥାତ୍ ଏହି ଯାତ୍ରାର ପ୍ରଥମ ଦିବସ ଠାରୁ ଚତୁର୍ଦ୍ଦଶ ଦିବସ ପର୍ଯ୍ୟନ୍ତ ଶ୍ରୀଶ୍ରୀ ମଦନମୋହନ ଗୋପାଳସ୍ୱାମୀ ସନ୍ଧ୍ୟାକାଳୀନ ଚାପରେ ତିନି ଘେରା ଓ ରାତ୍ରୀକାଳୀନ ଚାପରେ ମଧ୍ୟ ତିନିଘେରା ପୁଷ୍କରିଣୀ ପରିକ୍ରମା କରିଥାନ୍ତି । ଏହି ପରିକ୍ରମା ବେଳେ, ଠାକୁରଙ୍କ ଶ୍ରୀଛାମୁରେ ଗିନି ମୃଦଙ୍ଗର ତାଳେ ତାଳେ ନାମ ସଂକୀର୍ତ୍ତନ ତଥା ଭଜନ ଜଣାଣ ଅନବରତ ଚାଲୁ ରହିବା ସହ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ହରିବୋଲ, ହୁଳହୁଳି ଓ ଜୟଧ୍ୱନି ସହ ଭକ୍ତବୃନ୍ଦଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଥାଏ । ଏହି ପରିକ୍ରମା ବେଳେ ଠାକୁରଙ୍କ ଚାପରେ ଶଙ୍ଖ କାହାଳୀ ବାଜି ଉଠିବା ସଂଗେ ସଂଗେ ଦୁଇଟି ଛାମୁ ଦିହୁଡ଼ି ଠାକୁରଙ୍କ ସମ୍ମୁଖସ୍ଥ ଦୁଇପାର୍ଶ୍ୱରେ ବାରିକ ଭକ୍ତଙ୍କ ଦ୍ୱାରା ଅନବରତ ଜଳୁଥାଏ । ସନ୍ଧ୍ୟାକାଳୀନ ତଥା ପ୍ରଥମ ଚାପର ତିନିଘେରା ନୌକାବିହାର ପରେ ଠାକୁରଙ୍କୁ ଚନ୍ଦନକୁଣ୍ଡରେ ସ୍ନାନ କରାଯାଏ । ଦୁଇଜଣ ଭକ୍ତ ରାଉଳଙ୍କ ଦ୍ୱାରା ଘୋରା ଯାଇଥିବା ଚନ୍ଦନରେ ସ୍ନାନ ଅବସରରେ ଶ୍ରୀ ଶ୍ରୀ ଗୋପାଳସ୍ୱାମୀଙ୍କ ଆଳତୀ କରାଯାଇଥାଏ । ତତ୍ପରେ ଠାକୁରଙ୍କୁ ବେଶ କରାଯାଇ ମୂଳ ମନ୍ଦିରର ରତ୍ନ ସିଂହାସନରେ ବିଜେ କରାଯାଏ । ଏହାସହ ପୁନର୍ବାର ଆଳତୀ ଓ ବାଳଭୋଗ କରାଯାଇଥାଏ । ପୁନଶ୍ଚ ରାତ୍ରୀ ପ୍ରାୟ ଦଶଟା ବେଳେ ପୁନର୍ବାର ରାତ୍ରୀକାଳୀନ ଚାପ ଅର୍ଥାତ୍ ଦ୍ୱିତୀୟ ଚାପରେ ଠାକୁରଙ୍କୁ ବିଜେ କରାଯାଏ । ସନ୍ଧ୍ୟାଚାପ ଭଳି ସମସ୍ତ ବିଧିବିଧାନ ପ୍ରକାରେ ତିନିଘେରା ନୌକାବିହାର କରାଯାଇ ପୁନଶ୍ଚ ଠାକୁରଙ୍କୁ ରତ୍ନ ସିଂହାସନରେ ବିଜେ କରାଯାଏ । ପୁଣି ଆଳତୀ ସହ ପହଡ଼ ପଡ଼େ । ଏହି ପ୍ରକ୍ରିୟା ପ୍ରଥମ ଦିବସ ଅର୍ଥାତ୍ ଅକ୍ଷୟ ତୃତୀୟ ଠାରୁ ଚତୁର୍ଦ୍ଦଶ ଦିବସ ପର୍ଯ୍ୟନ୍ତ ମହାଆଡ଼ମ୍ବରରେ ଚାଲେ ।

ଏ ପରିପ୍ରେକ୍ଷୀରେ କହିରଖେ ଏହି ଯାତ୍ରାର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥାତ୍ ଭଉଁରୀ ଯାତ୍ରା ଆରମ୍ଭ ହୁଏ ପଞ୍ଚଦଶ ଦିବସଠାରୁ । ଏହା ଏକବିଂଶ ଦିବସ ପର୍ଯ୍ୟନ୍ତ ଅର୍ଥାତ୍ ଯାତ୍ରାର ଶେଷ ଦିନ ପର୍ଯ୍ୟନ୍ତ ଚାଲୁରହେ । ଏହି ପର୍ଯ୍ୟାୟରେ ସନ୍ଧ୍ୟାକାଳୀନ ଚାପରେ ଠାକୁର ସାତଘେରା ଏବଂ ପୁଷ୍କରିଣୀର ପ୍ରତିକୋଣରେ ଭଉଁରୀ ଖେଳି ନୌକାବିହାର କରିଥାନ୍ତି । ଠିକ୍ ସେହିପରି ରାତ୍ରୀକାଳୀନ ଚାପରେ ମଧ୍ୟ ସାତଘେରା ଏବଂ ପ୍ରତି ଘେରାରେ ଚାରିକୋଣ ଭଉଁରୀ ହିସାବରେ ମୋଟ ଅଠେଇଶି ଭଉଁରୀ ଅନୁଷ୍ଠିତ ହୋଇଥାଏ । ଏଭଳି ଭାବେ ନୌକାବିହାର ଚନ୍ଦନ ଯାତ୍ରାର ଏକବିଂଶ ଦିବସ ଅର୍ଥାତ୍ ଶେଷ ଦିବସର ସନ୍ଧ୍ୟାକାଳୀନ ଚାପ ପର୍ଯ୍ୟନ୍ତ ଅନୁଷ୍ଠିତ ହୁଏ । କିନ୍ତୁ ଶେଷ ଦିବସର ରାତ୍ରୀକାଳୀନ ଚାପରେ ଏକୋଇଶି ଘେରା ଏବଂ ଚଉରାଅଶୀ ଭଉଁରୀ ଅନୁଷ୍ଠିତ ହୋଇଥାଏ । ଏହି ପ୍ରକ୍ରିୟା ଶେଷ ହେବା ବେଳକୁ ପରବର୍ତ୍ତୀ ଦିବସର ଅପରାହ୍ଣ ହୋଇଯାଇଥାଏ । ଏହାପରେ ଠାକୁର ମନ୍ଦିର ରତ୍ନସିଂହାସନରେ ବିଜେ କରନ୍ତି । ଏହି ଅନ୍ତିମ ସାତଦିନର ଆଉ ଏକ ବିଶେଷ ଆକର୍ଷଣ ଠାକୁରଙ୍କ ବିଭିନ୍ନ ବେଶ । କାଳୀୟ ଦଳନ, ବସ୍ତ୍ରହରଣ, ବକାସୁର ବଧ, ନାବକେଳୀ, କାଚରା ବେଶ, ଗଜଉଦ୍ଧାରଣ ସହ ଅନ୍ତିମ ଦିନରେ ଅନନ୍ତ ଶୟନ ବେଶରେ ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାନ୍ତି ।

ଗଞ୍ଜାମ ସହରର ଏହି ପ୍ରସିଦ୍ଧ ଚନ୍ଦନ ଯାତ୍ରାର ଅନ୍ତିମ ଦିବସ ବେଶ୍ ମନୋହର ହେବା ସହ ସମଗ୍ର ସହରକୁ ଆଧ୍ୟାତ୍ମିକ ବାତାବରଣ ଘେରି ରହିଥାଏ । ଉକ୍ତ ଦିବସରେ ଶ୍ରୀ ଶ୍ରୀ ଗୋପାଳସ୍ୱାମୀ ଅପରାହ୍ଣରେ ଏକ ସ୍ୱତନ୍ତ୍ର ବିମାନ ଯୋଗେ ଭକ୍ତମାନଙ୍କ ଗହଣରେ ଶ୍ରୀ ଶ୍ରୀ ପୁରୁଣା ଜଗନ୍ନାଥଙ୍କ ବିଜୟ ପ୍ରତିମା ମଦନମୋହନଙ୍କୁ ଅନ୍ୟ ଏକ ସ୍ୱତନ୍ତ୍ର ବିମାନରେ ନିମନ୍ତ୍ରଣ କରି ବର୍ଣ୍ଣାଢ଼୍ୟ ଶୋଭାଯାତ୍ରାରେ ହରିବୋଲ, ହୁଳହୁଳି ଜୟଜୟକାର ଧ୍ୱନିରେ ଶହ ଶହ ଭକ୍ତଙ୍କ ସହ ଶ୍ରୀଜଗନ୍ନାଥଙ୍କ ଗୁଣ୍ଡିଚାଘର ନିକଟରେ ପହଞ୍ଚନ୍ତି । ଅପର ପାର୍ଶ୍ୱରେ ଠିକ୍ ସେହିପରି ସୁସଜ୍ଜିତ ବୃଷଭ ସହ ଶୋଭାଯାତ୍ରାରେ ଶ୍ରୀ ଶ୍ରୀ ଖଣ୍ଡେଶ୍ୱର ମହାପ୍ରଭୁ ଆସିଥାନ୍ତି । ଏଠାରେ ଅପୂର୍ବ, ମିଳନ ଘଟେ । ହରି ଓ ହର ଭେଟ ହୁଅନ୍ତି । ସତେ ଯେପରି ମନେହୁଏ ଗଞ୍ଜାମ ସହରର ଗୋଟିଏ ପାର୍ଶ୍ୱ ବୈକୁଣ୍ଠ ଓ ଅପରପାର୍ଶ୍ୱ କୈଳାସ । ଏହି ମିଳନ ପର୍ବର ଅନ୍ୟ ଏକ ଆକର୍ଷଣ ହେଲା ବାଟବରଣ । ଠାକୁରଙ୍କ ବାଟବରଣ ପରେ ମିଳନ ହୁଏ । ଏହାପରେ ତିନି ଠାକୁରଙ୍କୁ ମିଳିତ ଭୋଗ ଓ ଆଳତୀ କରାଯାଇଥାଏ । ତତ୍ପରେ ତିନିଠାକୁର ଗୋଟିଏ ଧାଡ଼ିରେ ଆସି ଠାକୁର ଚାପରେ ଶ୍ରୀ ଶ୍ରୀ ଗୋପାଳସ୍ୱାମୀଙ୍କ ଯୁଗଳ ମୂର୍ତ୍ତି ଓ ମଦନମୋହନ ସ୍ୱାମୀ ବିଜେ ହୁଅନ୍ତି ଏବଂ ନିଆଳି ଚାପରେ ଶ୍ରୀଶ୍ରୀ ଖଣ୍ଡେଶ୍ୱର ମହାପ୍ରଭୁ ବିଜେ ହେବାପରେ ଶେଷ ଦିବସର ଯାତ୍ରା ଆରମ୍ଭ ହୋଇଥାଏ । ଗଞ୍ଜାମ ବିଜ୍ଞାପିତ ଅଞ୍ଚଳ ଅନ୍ତର୍ଗତ ପୁଇଁତୋଳା ଗ୍ରାମନିବାସୀ ଖଣ୍ଡେଶ୍ୱର ମହାପ୍ରଭୁଙ୍କ ଦାୟିତ୍ୱ ବହନ କରିଥାନ୍ତି । ଏହି ଦିବସରେ ପୁଇଁତୋଳା ବାସୀଙ୍କୁ ଠାକୁରଙ୍କ ସ୍ୱତନ୍ତ୍ର ଭୋଗ ପାଲୁଅ ଓ ଉଖୁଡ଼ା ପ୍ରଦାନ କରାଯାଇଥାଏ । ଏପରିକି ଠାକୁରଙ୍କ ଏହି ଚନ୍ଦନ ଯାତ୍ରା କାଳରେ ଚାପ ଚଳାଉଥିବା ନାଉରିଆ ଭକ୍ତଙ୍କ ସହ ସାମୂହିକ ଭାବେ ଠାକୁରଙ୍କ ବିମାନ ବୁହାଳିମାନଙ୍କ ପାଇଁ ରାତ୍ରୀକାଳରେ ପ୍ରସାଦ ସେବନର ମଧ୍ୟ ବ୍ୟବସ୍ଥା କରାଯାଇଥାଏ । ଏପରିକି ଏହି ଯାତ୍ରାର ଅନ୍ତିମ ସାତଦିନ ମଧ୍ୟରୁ କୌଣସି ଗୋଟିଏ ଦିନ ପଣ୍ଡା ସାହି ନିବାସୀମାନେ ମଧ୍ୟ ପଂକ୍ତିଭୋଗର ଆୟୋଜନ କରୁଥିବା ଦେଖିବାକୁ ମିଳେ ।

ଏହାସହ କରଣ ସାହି ନିବାସୀ ମଧ୍ୟ କାୟମନୋବାକ୍ୟରେ ଯାତ୍ରା ନିମନ୍ତେ ସହଯୋଗ କରିଥାନ୍ତି । ସେମାନଙ୍କ ସାହିର କିଛି ପରିବାର ବଂଶାନୁକ୍ରମେ ଏହି ଯାତ୍ରା ଅବସରରେ ଠାକୁରଙ୍କ ବିଭିନ୍ନ ସେବା ଯୋଗାଇ ଆସିଛନ୍ତି । ଚନ୍ଦନ ସେବା ଠାରୁ ଆରମ୍ଭ କରି ଦିହୁଡ଼ି ସେବା ଆଦିର ଖର୍ଚ୍ଚ ବହନ କରିଆସିଥାନ୍ତି । ଏପରିକି କରଣ ସାହି ନିବାସୀ ନିଜ ନିଜ ଭିତରେ ଚାନ୍ଦା ସଂଗ୍ରହ କରି ତାଙ୍କ ସାହି ଅର୍ଥାତ୍ ପୁଷ୍କରିଣୀ ପାର୍ଶ୍ୱରେ ନୃତ୍ୟ ସଂଗୀତର ବ୍ୟବସ୍ଥା କରିଥାନ୍ତି । ଏହା ସହ ମନ୍ଦିର ପରିଚାଳନା କମିଟି ଦ୍ୱାରା ପୁଷ୍କରିଣୀର ଅପର ଦୁଇପାର୍ଶ୍ୱରେ ଲୋକନୃତ୍ୟର ବ୍ୟବସ୍ଥା କରାଯାଇଥାଏ । ବିଶେଷତଃ କୃଷ୍ଣଲୀଳା, ରାଧାପ୍ରେମଲୀଳା, ପ୍ରହଲ୍ଲାଦ ନାଟକ ଓ ଲକ୍ଷ୍ମୀପୁରାଣ ଆଦି ଅନୁଷ୍ଠିତ ହୋଇଥାଏ ।

ପରିଶେଷରେ କହିରଖେ ଏହି ଐତିହ୍ୟସମ୍ପନ୍ନ ଚନ୍ଦନ ଯାତ୍ରାର ଗୁରୁଦାୟିତ୍ୱ ସାମନ୍ତରା ସାହି ନିବାସୀ ବହନ କରିବା ସହ ଏହି ଯାତ୍ରାର ଆନୁସଙ୍ଗିକ ଖର୍ଚ୍ଚର ଭୀମଭାଗ ବହନ କରିଥାନ୍ତି । ତତ୍ ସଂଗେ ସଂଗେ ଗଞ୍ଜାମ ସହରର ସମସ୍ତ ସାହି ନିବାସୀ ଓ ଅଞ୍ଚଳବାସୀଙ୍କ ସହଯୋଗରେ ଏହି ଯାତ୍ରା ମହାଆଡ଼ମ୍ବରରେ ପାଳନ ହେବା ସହ ଏହି ଯାତ୍ରା ଆପଣାର ସ୍ୱାତନ୍ତ୍ର୍ୟ ଓ ବୈଶିଷ୍ଟ୍ୟ ପ୍ରତିଷ୍ଠା କରିପାରିଛି ।

**ଡକ୍ଟର ମନୋରଞ୍ଜନ ବିଷୋୟୀ**
*ସ୍ନାତକୋତ୍ତର ଓଡ଼ିଆ ବିଭାଗ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ସଂପର୍କ: ୮୮୯୫୧୪୧୭୨୭*



# ବିଚ୍ଛିନ୍ନାଞ୍ଚଳରେ ଓଡ଼ିଆ ଭାଷାର ବ୍ୟାପକ ପ୍ରଚାର ଓ ପ୍ରସାର ଆବଶ୍ୟକ

*—ସାରସ୍ୱତ ପ୍ରତିଭାଧାରୀଙ୍କୁ ସୀମାନ୍ତ ପ୍ରହରୀ ସମ୍ମାନ—*



ଭୁବନେଶ୍ୱର (ପିଏନ୍): ଓଡ଼ିଶା ନାଗରିକ ମହାମଞ୍ଚ ପକ୍ଷରୁ ସ୍ଥାନୀୟ ବୁଦ୍ଧମନ୍ଦିର ପରିସରରେ ବିଚ୍ଛିନ୍ନାଞ୍ଚଳ ଦିବସ ପାଳନ ସହିତ ଅଖଣ୍ଡ ଓଡ଼ିଶା ଗଠନର ରଣହୁଙ୍କାର ପ୍ରଦାନ ସହ ବିଚ୍ଛିନ୍ନାଞ୍ଚଳକୁ ପୁନର୍ବାର ଓଡ଼ିଶାରେ ସାମିଲ କରିବାପାଇଁ ଏକ ବ୍ୟାପକ ଜନଆନ୍ଦୋଳନ ଆବଶ୍ୟକ ବୋଲି ମତବ୍ୟକ୍ତ କରାଯିବା ସହ ସୀମାନ୍ତ ପ୍ରହରୀ ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରାଜ୍ୟ ସଙ୍ଗୀତ 'ବନ୍ଦେ ଉତ୍କଳ ଜନନୀ' ଗାନ କରାଯିବା ସହ ବରିଷ୍ଠ ସାମ୍ବାଦିକ ତଥା ମହାମଞ୍ଚର ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ଶତପଥୀଙ୍କ ସଂଯୋଜନା ଓ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ 'ସମ୍ବାଦ' ସମ୍ପାଦକ ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ପ୍ରଜ୍ଞାଦୀପ୍ତ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର, ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ, ବର୍ଷିଆନ୍ ସ୍ୱାଧୀନତା ସଂଗ୍ରାମୀ ପର୍ଶୁରାମ ଦ୍ୱିବେଦୀ, ପୂର୍ବତନ ଜିଲ୍ଲାପାଳ ତଥା କୋଟିଆ ଆନ୍ଦୋଳନର ଆବାହକ ଗଦାଧର ପରିଡ଼ା, ସାରସ୍ୱତ ପ୍ରତିଭା ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଯୋଗଦେଇ ବିଚ୍ଛିନ୍ନାଞ୍ଚଳରେ ସମଗ୍ର ଓଡ଼ିଆମାନେ ଏକାଠି ହେବା ସହିତ ସରକାରଙ୍କ ଉପରେ ଚାପ ପକାଇ ପାରିଲେ ପୁନର୍ବାର ଆମେ ଆମର ସୀମା ଅଞ୍ଚଳ ଫେରି ପାଇବା ବୋଲି ମତବ୍ୟକ୍ତ କରାଯାଇଥିଲା। ଶ୍ରୀଯୁକ୍ତ ଶତପଥୀ ଓ ମୁଖ୍ୟଅତିଥି ଶ୍ରୀଯୁକ୍ତ ପଟ୍ଟନାୟକ ମତବ୍ୟକ୍ତ କରି କହିଲେ ଯେ, ସରକାରଙ୍କ ଉପରେ ବ୍ୟାପକ ଚାପ ପକାଇବା ସହିତ ଆମ ମାତୃଭାଷାର ପ୍ରଚାର ପ୍ରସାର ତଥା ଜଣେଜଣେ ସ୍ୱେଚ୍ଛାସେବୀ ସଂଗଠକ ଉକ୍ତ ଅଞ୍ଚଳରେ ନିଯୁକ୍ତି ହୋଇ ନିଷ୍ଠାପର ଓ ଐକ୍ୟବଦ୍ଧ ଭାବେ କାର୍ଯ୍ୟ କରିଲେ ନିଶ୍ଚିତ ଭାବେ ଆମେ ଆମର ପୂର୍ବ ଗୌରବ ଓ ସଫଳତା ଫେରି ପାଇପାରିବା, ସୁପ୍ତ ଓଡ଼ିଆଙ୍କୁ ଜାଗ୍ରତ କରାଇବା ପାଇଁ ଦୁର୍ବାର ଆନ୍ଦୋଳନ ଆବଶ୍ୟକ ସହ ମା', ମାଟି, ମାତୃଭାଷା ପାଇଁ ସମର୍ପଣ ଭାବ ଏକାନ୍ତ ଜରୁରୀ। ମେଦିନପୁର, ଖରସୁଆଁ, ଚାଇଁବସା, ଚକ୍ରଧରପୁର ପ୍ରମୁଖ ଅଞ୍ଚଳରେ ବ୍ୟାପକ ଭାବେ ମାତୃଭାଷାର ପ୍ରଚାର ପ୍ରସାର ପାଇଁ ଅଙ୍ଗୀକାରବଦ୍ଧତା ସମସ୍ତଙ୍କର ରହିବା ଆବଶ୍ୟକ। ଏହି ଅବସରରେ ଛତିଶଗଡ଼, ପଶ୍ଚିମବଙ୍ଗ ତଥା ସୀମାନ୍ତ ଅଞ୍ଚଳରୁ ଆସିଥିବା ସାରସ୍ୱତ ପ୍ରତିଭାଧାରୀ କ୍ଷମାସାଗର ଭୋଇ, ଗଦାଧର ପରିଡ଼ା, ବିଜୟ ପରିଡ଼ା, ଅଶୋକ ଦାସ, ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ପର୍ଶୁରାମ ଦ୍ୱିବେଦୀ, ସୀତାବଲ୍ଲଭ ମହାପାତ୍ର, ଗଦାଧର ସ୍ୱାଇଁ, ସୁମତୀ ପ୍ରଧାନ, ଜୟଶଙ୍କର ଭୋଇ, ଜଗଦୀଶ ବକ୍ସିପାତ୍ର, ଦୟାନନ୍ଦ ଖାଡ଼ଙ୍ଗା, ନିହାହର ରଞ୍ଜନ ପଲେଇ, ବି. ମୁରଲୀଧରଙ୍କୁ 'ସୀମାନ୍ତ ପ୍ରହରୀ' ସମ୍ମାନରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଭୃଗୁ ବକ୍ସିପାତ୍ର, ଅଶୋକ ଦଳସିଂହରାୟଙ୍କ ସହିତ ବହୁ ସାରସ୍ୱତ ପ୍ରତିଭା ଉପସ୍ଥିତ ରହି ନିଜନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ପ୍ରମୁଖ ପରିଚାଳନା ସଂଯୋଜକ ନାରାୟଣ ଓଝା, ସମିତା ମହାନ୍ତି, ରୋହିତ କୁମାର, ସୀତାଂଶୁ ଶେଖର ମହାରଣା, ରାଜ୍ କରିଥିବା ବେଳେ ଧନ୍ୟବାଦ ଅର୍ପଣ କରିଥିଲେ ବିଜୟ ପରିଡ଼ା ବୋଲି ମୁଖପାତ୍ର ଅରବିନ୍ଦ ତ୍ରିପାଠୀ ଜଣାଇଛନ୍ତି।

# ନଦୀ ସୁରକ୍ଷା ସଂକ୍ରାନ୍ତୀୟ ଜାତୀୟ ସମ୍ମିଳନୀ

ଫୁଲନଖରା (ପିଏନ୍)-ନଦୀ ସୁରକ୍ଷା ସଂକ୍ରାନ୍ତ ଏକ ଜାତୀୟ ସମ୍ମିଳନୀ କୁରାଙ୍ଗଶାସନସ୍ଥ ହୋଟେଲ ଆମ୍ରପଲ୍ଲୀ ରିସର୍ଟ୍ସ ସଭାଗୃହରେ ଗତ ବୁଧବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଭାରତର ଜଳପୁରୁଷ ଡଃ ରାଜେନ୍ଦ୍ର ସିଂହ ଯୋଗଦେଇ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ ଅନ୍ୟାନ୍ୟ ସମସ୍ୟା ପରି ନଦୀ ସମସ୍ୟାକୁ ପ୍ରମୁଖ ପ୍ରସଙ୍ଗ କରିବାର ଆବଶ୍ୟକତା ରହିଛି ବୋଲି ସେ ମତବ୍ୟକ୍ତ କରିଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଆବାହକ ସୁଦର୍ଶନ ଦାସ କାର୍ଯ୍ୟକ୍ରମ ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେବା ସହିତ ନଦୀକୁ ଏକ ଜୀବନ୍ତ ସତ୍ତା ଭାବେ ବିବେଚନା କରିବା ଉଚିତ ବୋଲି ବର୍ଣ୍ଣନା କରିଥିଲେ। ମହାନଦୀ ବଞ୍ଚାଅ ଆନ୍ଦୋଳନ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତିର ମିଳିତ ସହଯୋଗରେ ଆୟୋଜିତ ଏହି ସମ୍ମିଳନୀରେ ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ବିନାୟକ ରଥ, ଅବସରପ୍ରାପ୍ତ ମୁଖ୍ୟ ଯନ୍ତ୍ରୀ ଇଂ.ରମେଶଚନ୍ଦ୍ର ତ୍ରିପାଠୀ ଏବଂ ଓଡ଼ିଶା ନଦୀ ସୁରକ୍ଷା ସମିତି ଅଧ୍ୟକ୍ଷ ଅଶ୍ୱିନୀ ମହାପାତ୍ର ସମ୍ମାନିତ ଅତିଥିଭାବେ ମଞ୍ଚାସୀନ ରହି ନଦୀ ବଞ୍ଚିଲେ ଆମେ ବଞ୍ଚିବା ଏବଂ ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଅଭିବୃଦ୍ଧି ପାଇଁ ନଦୀ ସୁରକ୍ଷାର ଜରୁରୀ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହଂସନାଥ ସାହୁ, ଆଇନଜୀବୀ କବିନାରାୟଣ ଜେନା, ଅଧ୍ୟାପକ ଚିନ୍ମୟ ଦାସ, ବିଷ୍ଣୁପ୍ରିୟା ସ୍ୱାଇଁ, ଗଦାଧର ପ୍ରଧାନ, ସୁବୋଧ ପ୍ରଧାନ, ଅକ୍ଷୟ ଜେନା, ନରେନ୍ଦ୍ର ଚୋକ, ବାସୁଦେବ ଭଟ୍ଟ ପ୍ରମୁଖ ଶତାଧିକ ରାଜ୍ୟ ଓ ରାଜ୍ୟ ବାହାର ନଦୀ ସୁରକ୍ଷା ଆନ୍ଦୋଳନ କର୍ମୀମାନେ ଯୋଗଦେଇ ନିଜ ନିଜ ଅଞ୍ଚଳର ନଦୀ ସମସ୍ୟା ବାବଦରେ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ଡଃ.ବିନାୟକ ରଥଙ୍କଦ୍ୱାରା ଲିଖିତ ଏକ ପୁସ୍ତକ ଉନ୍ମୋଚନ ହୋଇଥିଲା। ଏକ ପଦଯାତ୍ରୀ ଦଳ କଟକରୁ ବାହାରି ଛତିଶଗଡ଼ର କଲମା ପର୍ଯ୍ୟନ୍ତ ଯିବେ ବୋଲି ସ୍ଥିର ହୋଇଛି। ବିଜୟ ପ୍ରଧାନ, ପ୍ରସନ୍ନ ବିଷୋଇ, ଉମାକାନ୍ତ କର, ଅନୁପ ସାସମଲ, କଳ୍ପତରୁ ଖୁଣ୍ଟିଆ, ପ୍ରଭାସିନୀ ରାଉତ ଓ ଦିଲୀପ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ କୈଳାସଚନ୍ଦ୍ର ପାତ୍ର, ଅରୁଣ ସାହୁ, ବିପିନ ବେହେରା, ଚନ୍ଦ୍ରମଣି ପ୍ରଧାନ ଓ କୈଳାସଚନ୍ଦ୍ର ସାହୁ ଏଥିରେ ସହଯୋଗ କରିଥିଲେ।

# ପୃଥିବୀ ଜଳୁଛି, ସୁରକ୍ଷା ଲୋଡୁଛି




ଭୁବନେଶ୍ୱର (ପିଏନ୍): ବିଶ୍ୱ ଧରିତ୍ରୀ ଦିବସରେ ଧରିତ୍ରୀ ମାଆକୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ୍ ୨୨ ତାରିଖଟିକୁ ବିଶ୍ୱ ଧରିତ୍ରୀ ଦିବସ ରୂପେ ପାଳିତ ହୋଇଥାଏ। ସଂପ୍ରତି ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ଓ ମଣିଷର ଅମାନୁଷିକ କାର୍ଯ୍ୟକଳାପ ଯୋଗୁଁ ଜୈବ ବିବିଧତା ବିପର୍ଯ୍ୟସ୍ତ। ସର୍ବୋପରି ମଣିଷର ସ୍ୱେଚ୍ଛାଚାରୀ କାର୍ଯ୍ୟକଳାପ ଯୋଗୁଁ ଧରିତ୍ରୀ ମାଆର ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ସଙ୍କଟ ଆଣିଦେଇଛି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରଙ୍ଗ, ବେରଙ୍ଗ ମୁରୁଜକୁ ବ୍ୟବହାର କରି ପୃଥିବୀ ଜଳୁଛି, ସୁରକ୍ଷା ଲୋଡୁଛି ଉପରେ ଆଧାରିତ ଚିତ୍ର ଆଙ୍କି ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତ୍ତା ଦେବା ପାଇଁ ପ୍ରୟାସ କରିବା ସହ ପୃଥିବୀର ସୁରକ୍ଷା ପାଇଁ ଇଂରାଜୀ ଭାଷାରେ 'ସେଭ୍ ଦି ଆର୍ଥ'ର ଏକ ସ୍ଲୋଗାନକୁ ସ୍ଥାନିତ କରି ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି।

ଶ୍ରୀ ସାହୁ ଏ ସମ୍ପର୍କରେ କୁହନ୍ତି ଆଜି ଆମେ ବିକାଶ ଓ ବିନାଶର ଦୋଛକିରେ ପହଞ୍ଚଗଲୁଣି। ବିଶ୍ୱତାପନକୁ ଆମେ ଇଂରାଜୀ ଭାଷାରେ ଗ୍ଲୋବାଲ୍ ୱାର୍ମିଂ ବୋଲି କହୁଛେ। ବର୍ତ୍ତମାନ ମେରୁ, ତରୁ, ମରୁ ସବୁ ତତଲା। ଦେଖିବାକୁ ଗଲେ ଗୋଟିଏ ପଟେ ମେରୁ ତରଳିବାରେ ଲାଗିଛି। ଅନ୍ୟପଟେ ସମୁଦ୍ରର ଜଳପତନ ବଢ଼ିଚାଲିଛି। ଆଉ କିଛିବର୍ଷ ପରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ଅନେକ ଜନବସତି ଯାହା ଏବେଠୁ ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ସାରିଲେଣି। ମରୁଭୂମି ପାଲଟିଯିବ ଶସ୍ୟ, ଶ୍ୟାମଳାପୂର୍ଣ୍ଣ ଧରିତ୍ରୀ, ଶୁଖିଯିବ ଭୂତଳଜଳ। ଶୁଦ୍ଧ ବାୟୁ ଓ ଶୁଦ୍ଧ ପାନୀୟ ଜଳ ମିଳିବନି। ସର୍ବଗ୍ରାସୀ କରାଳ ଗ୍ରାସରେ ଆମେ ବିଲୀନ ହୋଇଯିବା ସୁନିଶ୍ଚିତ ହୋଇପଡ଼ିଲାଣି। ଏଣୁ ଧରିତ୍ରୀ ମାଆର ସୁରକ୍ଷା ପାଇଁ ପ୍ରତିଟି ସନ୍ତାନ ଏବେଠାରୁ ତା'ର ସେବା ଓ ସୁରକ୍ଷାରେ ନିଜକୁ ସମର୍ପିତ କରନ୍ତୁ ବୋଲି ସୁଶାନ୍ତ ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲୱାର କଷବା, କାଳିପୁର, କେନ୍ଦୁରପୁର, ଦହପଡ଼ା, କଣ୍ଟାବଣିଆ, ଗୟାରାମ ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅନୁଜ୍ଞାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଉକ୍ତ ସୈରାତରୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା ଜେଟିଏମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍‌ଧାରୀ ଏହାର ସମ୍ପୂର୍ଣ୍ଣ ଉଲଂଘନ କରି ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟରେ ସହ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗର୍ତ୍ତ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଉଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍‌ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

## କେନ୍ଦ୍ର ବିରୁଦ୍ଧରେ ବି.ଜେ.ଡିର ରଣହୁଙ୍କାର

ଚମ୍ପୁଆ,(ପି.ଏନ): ଗରିବ ଯୋଜନା କଲ୍ୟାଣରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ୫ କି.ଗ୍ରା. ଚାଉଳ ହ୍ରାସ, ବଜେଟରେ ଧାନ ସଂଗ୍ରହ ବାବଦରେ ୨୦ ହଜାର ହୋଟି ଟଙ୍କା ହ୍ରାସ କରି ସମୁଦାୟ ୧୮ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିବାକୁ ନିଷ୍ପତି ଏବଂ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ନକରି ଚାଷୀ ମାରଣନୀତି ପ୍ରତିବାଦରେ କେନ୍ଦ୍ର ସରକାର ବିରୁଦ୍ଧରେ ବି.ଜେ.ଡି ରଣହୁଙ୍କାର ଦେଇଛି। ଏହି ପରିପେକ୍ଷୀରେ କେନ୍ଦୁଝର ଜିଲା ଚମ୍ପୁଆ ଏନ୍.ଏ.ସି ବି.ଜେ.ଡି ପକ୍ଷରୁ ପ୍ରତିବାଦ କରାଯାଇଛି। ବିଜୁ ମହିଳା ଜନତା ଦଳର ସଭାପତି ରମଣୀ ନାୟକ ଓ ଚମ୍ପୁଆ ଏନ୍.ଏ.ସି ଅଧ୍ୟକ୍ଷ ଗିରିଜା ଶଙ୍କର ସାହୁଙ୍କ ନେତୃତ୍ୱରେ ପ୍ରାୟ ୫ ଶହରୁ ଊର୍ଦ୍ଧ୍ୱ ବିଜୁ ଜନତା ଦଳର ମହିଳା ଓ ପୁରୁଷ କର୍ମୀ ମାନେ ବସଷ୍ଟାଣ୍ଡ ନିକଟରେ ଏକ ବିରାଟ ସଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ସହିତ ରଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଏନ୍.ଏ.ସି କାର୍ଯ୍ୟାଳୟରେ ଓ ପରେ ଚମ୍ପୁଆ ବି.ଡି.ଓ ଜ୍ୟୋସ୍ନାରାଣୀ ନାଏକଙ୍କୁ ବ୍ଲକ କାର୍ଯ୍ୟାଳୟ ଠାରେ ଦାବି ପତ୍ର ପ୍ରଦାନ କରିଥିଲେ।

## ସ୍ମୃତିର ଗବାକ୍ଷ

(ଏକାଦଶାହ ଉପଲକ୍ଷେ)



ଆବିର୍ଭାବ-୧୩.୧୧.୧୯୪୩
ତିରୋଧାନ-୦୮.୦୨.୨୦୨୩

ଅର୍ଦ୍ଧ ଶତାବ୍ଦୀ ତଳେ ଗ୍ରୀକ୍ ଦେବତାର ବହ୍ନିମାନ ରୂ ନେଇ, ଛନ୍ଦକ ପରିଚେତନାର ଅଶ୍ୱକୁ ବାହି ନେବାପାଇଁ ଆପଣ ପ୍ରବେଶ କରିଥିଲେ ଚନ୍ଦକାର ସାନ୍ଦ୍ର ଅରଣ୍ୟାନୀ ମଧରେ । ବାରବଖୁରିଆରେ ଅବସ୍ଥାନ କରି ଶହଶହ ଛାତ୍ରଛାତ୍ରୀଙ୍କ ହୃଦୟ ବଖରାରେ ଥାପିଦେଇଥିଲେ ପ୍ରଜ୍ଞାର ଅସଂଖ୍ୟ ପ୍ରଦୀପ । ଶିକ୍ଷକତା ବୃତ୍ତି କୁମ୍ଭକାର ବୃତ୍ତି । ଯେଉଁ ବୃତ୍ତିର କୁମ୍ଭଶାଳାରେ ନିର୍ମିତ ହୁଏ ଅସଂଖ୍ୟ ମଙ୍ଗଳ କଳସୀ, ସମାଜ ନିର୍ମାଣ ଯଜ୍ଞରେ ଯାହାର ଭୂମିକା ଅପରିସୀମ । ସାର୍, ଆପଣ ମୋ ପାଇଁ ସେହି କାରୁଣିକ କୁରାଳ । ଏଇ ମାଟି ଘଟରେ ଆପଣଙ୍କ ଅଲିଭା ହସ୍ତାକ୍ଷର । ଚିଦାକାଶରେ ଆପଣଙ୍କ ବ୍ୟକ୍ତିତ୍ୱର ନାକ୍ଷତ୍ରିକ ଦୀପ୍ତି । ସମୟର ଦୂରନ୍ତ ଦୁରଭିସଂଧି ମ୍ଳାନକରିାରିନାହିଁ ସୁଦୂର ଶୈଶବର ସେଇସବୁ ସୁନାର ତାରିଖର ଦ୍ୟୁତି, ଯାହା ପଦ୍ମ ତୃରେ ଦୁଇବିନ୍ଦୁ ଜଳପରି ଏବେବି ସଜଳ, ଛଳଛଳ । ଆକାଶର ନୀଳପୃଷ୍ଠ ଭୂମିରେ, ସହକାର ଶାଖାରେ ହଳଦୀବସନ୍ତ ପରି ଉଜ୍ଜ୍ୱଳ ତାର ବର୍ଣ୍ଣବିଭା । ଆପଣ ହିଁ ଦଲକାଏ ଦକ୍ଷିଣାପବନ ପରି ଖୋଲିଦେଇଥିଲେ ପାଶ୍ଚାତ୍ୟ ସାହିତ୍ୟର ଗବାକ୍ଷ । ଚିତ୍ରବୋଧକ, ଦୃଶ୍ୟମାନ ଭାଷାରେ ବୁଝାଇଦେଇଥିଲେ ପ୍ରକୃତିର ମହାଭାବ ଓ ନୈସର୍ଗିକ ଐଶ୍ୱର୍ଯ୍ୟକୁ । ଭାବବାଦୀ ଦର୍ଶନସହ ସେଇ ମୋର ପହିଲି ପରିଚୟ । ଆପଣଙ୍କ ଶିକ୍ଷାଦାନ ପଦ୍ଧତିଥିଲା ସଂପୂର୍ଣ୍ଣ ଅପାରମ୍ପରିକ । ପ୍ରାଚ୍ୟ ପାଶ୍ଚାତ୍ୟ ସାହିତ୍ୟର ବିଶ୍ଳେଷଣ ବେଳେ ପ୍ରତିଟି ଉଚ୍ଚାରଣ ଥିଲା କାବ୍ୟମୟ । କ୍ଲାସିକ ଦୃଷ୍ଟି ଭଙ୍ଗୀରେ ରୋମା□କ୍ ଦୃଷ୍ଟିର ଘଟିଥିଲା ସୁସମନ୍ୱୟ । ଶିଶିରାକ୍ତ ଶୀତସକାଳ ସବୁ ଆପଣଙ୍କ ଉଚ୍ଛ୍ୱାସମୟ ବାଗ୍ମୀତାରେ ହୋଇ ଉଠୁଥିଲା ଉଷ୍ମ-ମଧୁର । ସ୍ମୃତି ତ କଦାପି ନୁହେଁ ଫିଙ୍ଗିବାର ... । ଆପଣଙ୍କ ଲୋଡିବାପଣର ଚୁମ୍ବକୀୟ ଆକର୍ଷଣରେ ଆକର୍ଷିତ ହୋଇ ଆସୁଥିଲେ ଦୂରଦୂରାନ୍ତରୁ ଛାତ୍ରଛାତ୍ରୀମାନେ । କୈଶୋରର ଭେରାବାଲି ଆପଣଙ୍କ ଆଦର୍ଶରେ ହୋଇଉଠୁଥିଲା ସଂଯମ ଓ ଶଙ୍ଖଳାର ଉର୍ବ୍ୟ-ଭୂମି । ଆପଣ, ନୀତିନିଷ୍ଠ ଜୀବନ ଶୈଳୀର ଜାଗ୍ରତ ପ୍ରହରୀ । ଆପଣଙ୍କଠାରୁ ଶିଖିଥିଲି ମୂଲ୍ୟ ଅପେକ୍ଷା ମୂଲ୍ୟବୋଧର ମହତ୍ତ୍ୱ । ଆପଣ ହିଁ ମୋ ଲାଗି ଚିର ପ୍ରବହମାନ ପ୍ରେରଣା ସ୍ରୋତ । ସାରସ୍ୱତ ଜୀବନର ଆଧାରଶିଳା । କବି କର୍ମର ଦିବ୍ୟ ଦିଶାରି । ଆଜ କାଳ ଆପଣଙ୍କ ନଶ୍ୱର ଶରୀରକୁ ଗ୍ରାସ କରିଛି । କିନ୍ତୁ କୀର୍ତ୍ତି ରହିଯାଇଛି ଚିର ଦେଦୀପ୍ୟମାନ । ସବୁଦିନେ ସମସ୍ତଙ୍କ ହୃଦୟରେ ଆପଣଙ୍କର ହାସ୍ୟୋଜ୍ଜ୍ୱଳ ମୁଖଶ୍ରୀ ଅମଳୀନ ହୋଇରହିବ । ଯଶୋଦେହେ ଚିର ଆୟୁଷ୍ମାନ ହୋଇଥାଆନ୍ତୁ । ମହାରଣା ବାଉରର ବିଦ୍ୟାପୀଠ ଚନ୍ଦକାର ପ୍ରାକ୍ତନ ପ୍ରଧାନଶିକ୍ଷକ ପୂଜ୍ୟ ବୈଦ୍ୟନାଥ ସାହୁଙ୍କ ସ୍ମୃତି ଉପଲକ୍ଷେ ।

*ଡଃ ସତ୍ୟ ପଟ୍ଟନାୟକ*
*ଅବସରପ୍ରାପ୍ତ ପ୍ରାଧ୍ୟାପକ, ବିଜେବି ମହାବିଦ୍ୟାଳୟ*
*(ଓଡିଆ ବିଭାଗ)(ପ୍ରାକ୍ତନ ଛାତ୍ର),*
*ଦାସପୁର*

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍‌କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍‌ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ

ବାଲେଶ୍ୱର: ଆଜି ପୂର୍ବାହ୍ନରେ ଓଡ଼ିଶା ପଥବିକ୍ରେତା ସଂଘ ପକ୍ଷରୁ ଏକ ସୋଭାଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ପଥବିକ୍ରେତା ଜୀବିକା ସୁରକ୍ଷା ଓ ପଥ ବିକ୍ରେତା ବିନିମୟ ଆଇନ ଉଲଙ୍ଘନ ଏବଂ ପଥବିକ୍ରେତାଙ୍କ ଜୀବିକା ଓ ଜୀବନ ଉଚ୍ଛେଦ ଅଭିଯୋଗ ବନ୍ଦ କରିବାକୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ପଥବିକ୍ରେତା ଙ୍କ ଜୀବିକା ସୁରକ୍ଷା ପାଇଁ ୨୦୧୪ କେନ୍ଦ୍ରୀୟ ଆଇନକୁ ବାଲେଶ୍ୱର ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଲଙ୍ଘନ କରି ଏହି ବର୍ଗର ମଣିଷଙ୍କ ଜୀବନ ଧାରଣ ଦୁର୍ବିସ କରାଇଲେଣି। ପୌର ଓ ଜିଲ୍ଲା ପ୍ରଶାସନ ବାରମ୍ବାର ଉଚ୍ଛେଦ କରି ପଥ ବିକ୍ରେତା ବୃଦ୍ଧି ଥିବା ସହ ସହ ପଥ ବିକ୍ରେତାଙ୍କ ଆଇନ ଗତ ସାମ୍ବିଧାନିକ ଅଧିକାରକୁ ଛଡ଼ାଇ ନେଇ ବାରମ୍ବାର ଅନ୍ୟାୟ କରିଚାଲିଛନ୍ତି। ଏହି ପରି ରାୟ ଶାସନ ବନ୍ଦ କରି ଉଠା ଦାକାନିଙ୍କୁ ସାମ୍ବିଧାନିକ ସାମାଜିକ ନ୍ୟାୟ ପ୍ରଦାନ କରିବା ନିମନ୍ତେ ଦାବି କରିଛନ୍ତି। ଓଟି ରୋଡ଼ରେ ୨ ଟିକିଆ ରାସ୍ତାର ପିଚୁ ରାସ୍ତା ଶେଷ ଠାରୁ ସାଢ଼େ ୪ ମିଟର ଭିତରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ପୌର କାର୍ଯ୍ୟ ନିର୍ବାହି ଅଧକାରୀ ପଥ ବିକ୍ରେତା ସଂଘ କର୍ମକର୍ତ୍ତା ମାନଙ୍କୁ କହିବା ପରେ ପଥ ବିକ୍ରେତା ମାନେ ସେହି ଦିନ ବାହାରକୁ ଉଠାଇ ନେଇଥିଲେ। ରାସ୍ତାର ୨ ପାଶ୍ୱରେ କୌଣସି ଦୋକାନି ରହି ପାରିବେ ନାହିଁ ବୋଲି ଆରଏନବି ସଂସ୍ଥା କର୍ମଚାରୀ ମାନେ ସେଠାରେ ପଥ ବିକ୍ରେତା ମାନଙ୍କୁ ଭୟବିତ କରାଉଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ସପିଙ୍ଗ କମ୍ପଲେକ୍ସ ନିର୍ମାଣ ବନ୍ଦ କରି ସେହି ଅଟାଳିକା ଗୁଡ଼ିକରେ ଇଂଚୁଡ଼ି ଲବଣ ସତ୍ୟା ଗ୍ରହ ଏବଂ ସ୍ୱାଧିନତା ଆନ୍ଦୋଳର ସଂଗ୍ରହାଳୟ ପ୍ରତିଷ୍ଠା କରାଯାଉଛି। ଓଟି ରୋଡର ସାଢ଼େ ୪ ମିଟର ପର୍ଯ୍ୟନ୍ତ ପ୍ରଶସ୍ତିକରଣ କରାଇବା ପରେ ବାକି ସ୍ଥାନ ଗୁଡ଼ିକ ପଥ ବିକ୍ରେତା କେନ୍ଦ୍ର ଓ ରାଜ୍ୟ କୁଟିରଶିଳ୍ପ, ହସ୍ତଶିଳ୍ପ ସମେତ ଆଞ୍ଚଳିକ ସାମଗ୍ରି ର ପଥବିକ୍ରେତା କେନ୍ଦ୍ର ପ୍ରତିଷ୍ଠା କରି ଏହା କୁ ଜାତୀୟ ସ୍ତରରେ ଆକର୍ଷଣୀୟ ପଥ ବିକ୍ରେତା କେନ୍ଦ୍ର କରାଯାଇ ପର୍ଯ୍ୟଟକ ଗ୍ରାହକ ମାନଙ୍କୁ ଆକୃଷ୍ଟ କରାଯାଉ। ବ୍ରିଜ ଅଞ୍ଚଳର କରୋନା ମହାମରୀ ସମୟର ସରକାରୀ ଘୋଷିତ ରିଲିଫ୍ ସମସ୍ତଙ୍କୁ ପ୍ରଦାନ କରାଯାଉ। ଜୟନ୍ତ ଦାସ ଙ୍କ ନେତୃତ୍ୱରେ ଅବିଦ ଖାନ, ମୋହିନି ମୋହନ ପରିଡ଼ା, ଅଭିରାମ ବାରିକ, ପ୍ରଶାନ୍ତ ସେଠୀ, ରତନ ଗିରି, ବିଜୟ ସାହ. ରାଧା ବାରିକ, ସୁମନ ସିଂହ, ନୟନ ମାଲୋହତ୍ରା ପ୍ରମୁଖ ଏହି ଶୋଭା ଯାତ୍ରାରେ ସାମିଲ ହୋଇଥିଲେ।

## କେନ୍ଦୁଝର ଆଇଟିଡିଏ ତରଫରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ନୂତନ ଅଧ୍ୟକ୍ଷା,ଉପାଧ୍ୟକ୍ଷ ଏବଂ ସଦସ୍ୟଙ୍କୁ ସମ୍ବର୍ଦ୍ଧନା

କେନ୍ଦୁଝର,(ପି.ଏନ): କେନ୍ଦୁଝର ଆଦିବାସୀ ସଂଗ୍ରହାଳୟ ପରିସରରେ କେନ୍ଦୁଝର ଆଇଟିଡିଏ ପକ୍ଷରୁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ,ଉପାଧ୍ୟକ୍ଷ ନାରାୟଣ ପୂର୍ତ୍ତୀ ଙ୍କ ସମେତ ସଦସ୍ୟ ଜଗନ୍ନାଥ ଦେହୁରୀ,ମହେନ୍ଦ୍ର ନାଏକ,ବାଲିଆ ଜୁଆଙ୍ଗ,ନରୋତ୍ତମ ନାଏକ,ଗିରିଧାରୀ ନାଏକ,ମଙ୍ଗଲ ମୁଣ୍ଡା,ଡଗର ମୁଣ୍ଡା,ଉମେଶ ଚନ୍ଦ୍ର ମୁର୍ମୁ,ବାସନ୍ତୀ ବେହେରା,ରମ୍ଭାବତୀ ଦେହୁରୀ,ସିତ ମୁଣ୍ଡା,ଦୁର୍ଯ୍ୟୋଧନ ନାଏକ,ଦ୍ରୌପଦୀ ଦଣ୍ଡପାଟଙ୍କ ସମେତ ଏକ୍ସପର୍ଟ ମେମ୍ବର ପରେଶ କୁଅଁର,ମାନସିଂ ଦୁର୍ଗାପ୍ରସାଦ ନାୟକ,କମଳା ଥମ୍ବଙ୍କ ସମେତ ୧୬ଜଣ ସଦସ୍ୟ/ସଦସ୍ୟା ବୁଧବାର ଦିନ ଅପରାହ୍ନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେନ୍ଦୁଝର ଆଇଟିଡିଏ ର ପ୍ରକଳ୍ପ ପ୍ରଶାସକ ତପନ ନାୟକ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ଜ୍ଞାନ ରନ ପଣ୍ଡାଙ୍କ ସମେତ ବହୁ ଅଧିକାରୀ ଯୋଗ ଦେଇଥିଲେ। ଜିଲ୍ଲାରେ ଆଦିବାସୀଙ୍କ ସମସ୍ୟା ସମାଧାନ ପାଇଁ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ଲକ୍ଷ୍ମୀ ନାଏକ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ନୂତନ ଭାବେ ମନୋନୀତ ହୋଇଥିବା ଅଧ୍ୟକ୍ଷା ଏବଂ ସଦସ୍ୟ/ସଦସ୍ୟାମାନେ ଅନୁସୂଚିତ ଜନଜାତି ଓ ଜାତି ର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯଥେଷ୍ଟ ସହାୟତା ଦିଆଯାଇଥିବା କହିଛନ୍ତି। ସ୍ୱତନ୍ତ୍ର ଉନ୍ନୟନ ପରିଷଦର ରାଜ୍ୟ ଉପଦେଷ୍ଟା ପ୍ରଦୀପ କୁମାର ମାଝୀଙ୍କ କେନ୍ଦୁଝର ଗସ୍ତ ୧୭ ତାରିଖ ଦିନ ଥିବାରୁ ଏହି ଗସ୍ତ କିପରି ସଫଳ ହେବ ସେ ନେଇ ଆଲୋଚନା ହୋଇଥିଲା। ଉକ୍ତ ଦିନ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ପକ୍ଷରୁ ସେଲ ଅଡିଟୋରିୟମ ଠାରେ ଆଦିବାସୀଙ୍କ ଏକ ସମାବେଶ ଆୟୋଜନ କରାଯାଇଛି।

# ଡିଏସ୍‌ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍‌ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍‌ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍‌ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍‌ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍‌ଲାଇନ ସ୍ୱାସ୍ଥ୍ୟଯତ୍ନ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟର୍‌ନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯତ୍ନ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍‌ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡ୍‌ଗୁଡିକ ପ୍ରିମିୟମ ବ୍ରାଣ୍ଡ୍‌ଗୁଡିକୁ ପଛରେ ପକାଇଦେବା ଆଶା କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍‌ପି ଏମଏଫର ଭିଜନ ୧୦/ ୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍‌ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍‌ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍‌ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍‌ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍‌ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍‌ପି ଏମଏଫ୍‌ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍‌ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍‌ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ଜନ୍ମ ବାର୍ଷିକ ଉତ୍ସବ ପାଳିତ

ଆନନ୍ଦପୁର,(ପି.ଏନ):ଆନନ୍ଦପୁର ସତ୍‌ସଙ୍ଗ ବିହାରର ବାର୍ଷିକ ଉତ୍ସବ ଉପଲକ୍ଷେ ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୫ତମ ପବିତ୍ର ଜନ୍ମ ବାର୍ଷିକ ମହୋତ୍ସବ ତଥା ଶ୍ରୀମନ୍ଦିରର ୩ୟ ବାର୍ଷିକ ଉଦ୍‌ବୋଧନୀ ସ୍ମୃତି ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ପ୍ରତ୍ୟୁଷରୁ ଏକ ବର୍ଣ୍ଣାଢ୍ୟ ପରିବେଶରେ ଶ୍ରୀ ଶ୍ରୀ ଠାକୁରଙ୍କ ସୁସଜ୍ଜିତ ରଥ ସହ ନଗର କୀର୍ତ୍ତନ ଓ ଶୋଭାଯାତ୍ରା ବଜାର ପରିକ୍ରମା କରିଥିଲା । ଏହି ଉତ୍ସବକୁ ଘଷିପୁରା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଉଦ୍‌ଘାଟନ କରିଥିବା ବେଳେ ଏଥିରେ ଶ୍ରୀଧର ସୁନ୍ଦର ମିଶ୍ର, ଇଂ ପ୍ରଭାକର ଦାଶ ଓ ସତସଙ୍ଗ ବିହାରର କର୍ମୀ ମଣ୍ଡଳୀ ଉପସ୍ଥିତ ଥିଲେ। ବୃନ୍ଦାବନ ମିଶ୍ରଙ୍କ ତତ୍ତ୍ୱାବଧାନରେ ମହାସ୍ୱସ୍ତି ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ଶ୍ରୀଧର ସୁନ୍ଦର ମିଶ୍ରଙ୍କ ଅଧ୍ୟକ୍ଷତାରେ ଏକ ସଭାର ଆୟୋଜନ ହୋଇଥିଲା । ଏଥିରେ ଦେଓଘର ସତସଙ୍ଗର ବିନାୟକ ମହାପାତ୍ର, ମୁଖ୍ୟବକ୍ତା ଭାବେ ପ୍ରଫେସର କେଦାର ମହାନ୍ତି, ଉପଜିଲ୍ଲାପାଳ ଅନୀଲ କୁମାର ସେଠୀ, ପୂର୍ବତନ ମନ୍ତ୍ରୀ ତଥା ବର୍ତ୍ତମାନର ଘଷିପୁରା ବିଧାୟକ ବଦ୍ରୀ ନାରାୟଣ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ କେନ୍ଦୁଝର ସତସଙ୍ଗର ସଭାପତି ଡଃ ବେଣୁଧର ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ ।

## ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ


ଚମ୍ପୁଆ,(ପି.ଏନ): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଇ ପଂଚାୟତରେ ଆକାଶଜ୍ୟୋତି ବିଦ୍ୟାଳୟର ୬ଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଶ୍ରୀ ଜଗନ୍ନାଥ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ୍ ଡି.ଡି.ଏମ୍. ପ୍ରିୟଦର୍ଶୀ ଆର୍ ପଟ୍ଟନାୟକ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଓଡିଶା କୁଡୁମୀ ସମାଜ ସଭାପତି କ୍ଷୀରୋଦ ମହାନ୍ତ, ତାରିଣୀ ମେଡିକାଲ ପ୍ରାଇଭେଟ ଲିମିଟେଡ୍ ଡାଇରେକ୍ଟର ଗଣେଶ୍ୱର ମହାନ୍ତ, ପୂର୍ବତନ ପ୍ରଧାନ ଶିକ୍ଷକ ରମାକାନ୍ତ ପ୍ରଧାନ, ଡାଇରେକ୍ଟର ବିରେନ ମହାନ୍ତ ଓ ମୁଖ୍ୟ ବକ୍ତା ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସ ପ୍ରମୁଖ ଯୋଗ ଦେଇ ଗୁରୁ ଶିଶ୍ୟର ପରଂପରା, ଅଭିଭାବକ ମାନଙ୍କ କର୍ତବ୍ୟ, ଶିକ୍ଷକତା ଏବଂ ଛାତ୍ର ଛାତ୍ରୀ ମାନଙ୍କର ଦାୟିତ୍ୱ ସମ୍ବନ୍ଧରେ ଅଭିଭାଷଣ ରଖି ଥିଲେ। ଏହା ସହିତ ସୃଙ୍ଖଳିତ ଛାତ୍ର ଜୀବନ ଏକ ସୁସ୍ଥ ମୟ ନାଗରିକକୁ ସୃଷ୍ଟି କରେ ଏବଂ ଏହି ପ୍ରତିଭା ମାଧ୍ୟମରେ ସମାଜର ପରିବର୍ତନ ସମ୍ଭବ ହୋଇପାରିଥାଏ ବୋଲି ମତ ରଖି ଥିଲେ। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗି ଓ ମେଧା ଛାତ୍ର ଛାତୀଙ୍କୁ ପୁରସ୍କାର ଓ ମାନପତ୍ର ଆତିଥି ମାନଙ୍କ ଦ୍ୱରା ପ୍ରଦାନ କରାଯାଇଥିଲା। ଏହା ପରେ କୁନିକୁନି ଛାତ୍ର ଛାତ୍ରି ମାନଙ୍କ ଦ୍ୱରା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ଘର ଭାଙ୍ଗିଲା ଦନ୍ତାହାତୀ

ପଣ୍ଡାପଡା,(ପି.ଏନ):ଘଟଗାଁ ବ୍ଲକ ଅନ୍ତର୍ଗତ ଭୋଲବେଡା ଗ୍ରାମ ପଂଚାୟତ ରାଇକୁଦର ଗ୍ରାମର ରବି ମହାନ୍ତ (୪୮) ନିଜ ପରିବାର ସହ ଆନନ୍ଦରେ ରହୁଥିଲେ । ହଠାତ୍ ତାଙ୍କ ଉପରେ ବିପଦ ମାଡି ଆସିଲା । ଚଳିତ ମାସ ୧୦ ତାରିଖ ଅଧ ରାତିରେ ପରିବାରର ସମସ୍ତେ ଶୋଇଥିବା ବେଳେ ଗୋଟିଏ ଦନ୍ତାହାତୀ ତାଙ୍କୁ ମାଡି ଦେବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା । ଏତିକିରେ ହାତୀର ମନ ଶାନ୍ତି ହୋଇନଥିଲା । ୧୫ ତାରିଖ ରାତି ପ୍ରାୟ ୮ଟା ବେଳକୁ ୰ରବି ମହାନ୍ତଙ୍କ ସ୍ତ୍ରୀ ରଜନୀ ମହାନ୍ତ, ବାପା ଦିନବନ୍ଧୁ ମହାନ୍ତ, ବଡପୁଅ ବିପିନ ମହାନ୍ତ, ରନ ମହାନ୍ତ ଏବଂ ବଳରାମ ମହାନ୍ତ ସମସ୍ତେ ଘରେ ଥିବାବେଳେ ହଠାତ୍ ଏକ ବଣୁଆ ଦନ୍ତାହାତୀ ଗ୍ରାମ ଭିତରକୁ ପଶି ଆସି ୰ମହାନ୍ତଙ୍କ ଘରକୁ ଭାଙ୍ଗି ପ୍ରାୟ ୧ କୁଇଣ୍ଟାଲ ଚାଉଳ ଖାଇଦେଇ ତାଙ୍କର ପୁତ୍ର ରନ କୁମାର ମହାନ୍ତଙ୍କୁ ମାରିବା ପାଇଁ ଗୋଡେଇ ଥିଲା। ନିଜ ଜୀବନକୁ ରକ୍ଷା କରିବାକୁ ଯାଇ ସେ ପ୍ରାଣ ବିକଳରେ ଦୌଡି ଥିଲେ। ଏହା ଦେଖି ପରିବାର ଲୋକେ ସଙ୍ଗେ ସଙ୍ଗେ ବନବିଭାଗକୁ ଖବର ଦେବାପରେ ବନବିଭାଗ ତୁରନ୍ତ ଘଟଣା ସ୍ଥଳରେ ପହଂଚି ହାତୀଟିକୁ ଘଉଡାଇଥିଲେ । ଏହି ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ନାକ ମାନ୍ୟତାର ନବୀକରଣ ପାଇଁ ବିଶେଷଜ୍ଞମାନଙ୍କ ଦ୍ୱାରା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ପ୍ରଶିକ୍ଷଣ

କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ନାକ ମାନ୍ୟତାର ନବୀକରଣ ପାଇଁ ପ୍ରସ୍ତୁତି ନିମନ୍ତେ ଗୁରୁବାର ମହାବିଦ୍ୟାଳୟ ପରିସରରେ ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ବିଶେଷଜ୍ଞମାନଙ୍କଦ୍ୱାରା ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ପରାମର୍ଶଦାତା ପ୍ରଫେସର ସୁସ୍ମିତ ପାଣିଙ୍କ ସହ ପ୍ରଫେସର ପବିତ୍ର ମୋହନ ନନ୍ଦ ଓ ପ୍ରଫେସର ପ୍ରଦୀପ୍ତ କୁମାର ବେହେରା ପ୍ରଶିକ୍ଷକ ଭାବରେ ଯୋଗଦେଇ ମହାବିଦ୍ୟାଳୟ ଆଭ୍ୟନ୍ତରୀଣ ମାନ ନିର୍ଦ୍ଧାରଣ କମିଟି(ଆଇକ୍ୟୁଏସି)ସଦସ୍ୟ ଓ ପରେ ପରେ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭୂମିକା ସମ୍ପର୍କରେ ସୂଚନା ଓ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଗୁଣବତ୍ତା ଅକ୍ଷୁର୍ଣ୍ଣ ରଖିବା ସହ ପୂର୍ବର 'ଏ' ଗ୍ରେଡ ଲାଭ ନିମନ୍ତେ ସମସ୍ତ ଅଂଶୀଦାରମାନଙ୍କର ସହଯୋଗ ପ୍ରୟୋଜନ ବୋଲି ସୂଚାଇଥିଲେ। ଏହି କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଆଇକ୍ୟୁଏସିର ସଂଯୋଜକ ଡଃ. ଦେବେନ୍ଦ୍ର ନାଥ ଗୋଛାୟତ, ବରିଷ୍ଠ ସଭ୍ୟ ପ୍ରାକ୍ତନ ଅଧକ୍ଷ ନନ୍ଦ କିଶୋର ପରିଡା, ଡଃ. ସେକ ସମସୁର, ବିନ୍ଦୁମିତ୍ର ବଳ, ପ୍ରାକ୍ତନ ପ୍ରାଧ୍ୟାପକ ଦୁର୍ଯ୍ୟୋଧନ ପରିଡା, ବାର୍ଷିକ ମାନ ବିବରଣୀ ପ୍ରଦାନ କମିଟି(ଏକ୍ୟୁଏଆର)ର ସଭ୍ୟମାନେ ବୈଠକରେ ଉପସ୍ଥିତ ଥିଲେ। ବିଶ୍ୱ ବିଦ୍ୟାଳୟ ଅନୁଦାନ ଆୟୋଗର ସଂଯୋଜକ ଡଃ. ପ୍ରଭାକର ମଲ୍ଲିକ, ବରିଷ୍ଠ ଅଧ୍ୟାପକ ଡଃ. ଜ୍ଞାନୀନ୍ଦ୍ର ଦାଶ, ରଞ୍ଜିତ କୁମାର ଦାସ, ଗୌର ପ୍ରସାଦ ଷଡଙ୍ଗୀ, ଅଶୋକ କୁମାର ଦାସ ପ୍ରମୁଖ ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସହୟତା କରିଥିଲେ। ପରିଶେଷରେ ଆଗନ୍ତୁକ ପରାମର୍ଶଦାତାମାନେ ପାଠାଗାର ଓ କାର୍ଯ୍ୟାଳୟ ତଥା ଆକାଉ□ସ ସେକସନ ପରିଦର୍ଶନ କରି ଆବଶ୍ୟକ ପରାମର୍ଶ ମଧ୍ୟ ଦେଇଥିଲେ। କ୍ୟାପଟେନ ସୀମା ମହାନ୍ତି ଅପରାହ୍ନ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।




## ବେଆଇନ କଳାପଥର ପରିବହନ କରୁଥିବା ଗାଡି ଜବତ, ୨ ଗିରଫ


ଧର୍ମଶାଳା (ପିଏନ୍): ଧର୍ମଶାଳା ତହସିଲ ଜେନାପୁର ଥାନା ଅନ୍ତର୍ଗତ ୫୩ ନଂ ଜାତୀୟ ରାଜପଥର ଚଡେଇଧରା ନିକଟରୁ ପୁଲିସ ବେଆଇନ ଭାବେ କଳାପଥର ବୋଝେଇ ଏକ ହାଇଓ୍ୱା ଗାଡିକୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛି । ସୂଚନା ମୁତାବକ ଜେନାପୁର ପୁଲିସ ରାତ୍ରି ପେଟ୍ରୋଲିଂ କରୁଥିବା ବେଳେ ପିଡି-୦୨-ଏଜେ-୨୫୪୪ନଂ ଏକ ହାଇଓ୍ୱା ଗାଡିରେ କଳାପଥର ପରିବହନ ହେଉଥିବା ଦେଖି କାଗଜପତ୍ର ଯାଁଚ କରିଥିଲେ । ତେବେ ଗାଡିରେ ବସିଥିବା ଏକ ଘରୋଇ କମ୍ପାନୀର ସୁପରଭାଇଜର କାଗଜପତ୍ର ଦେଖାଇବାକୁ ଅସମର୍ଥ ହୋଇଥିଲେ । ଫଳରେ ପୁଲିସ ଗାଡିକୁ ଜବତ କରିବା ସହ ନୟାଗଡ ଅଂଚଳର ଗାଡି ଡ୍ରାଇଭର ରଶ୍ମୀରଂଜନ ଦଳବେହେରା (୪୨) ଓ ମଙ୍ଗଳପୁର ଥାନା ସୁଣ୍ଡୁଆ ଗ୍ରାମର ସୁପରଭାଇଜର ସୁନାକର ମହାନ୍ତି (୪୪)ଙ୍କୁ ଗିରଫ କରିଥିଲା । ଏଥିନେଇ ୩୨୬/୨୨ରେ ଏକ କେଶ ରୁଜୁ କରି ଡ୍ରାଇଭର ଓ ସୁପରଭାଇଜରଙ୍କୁ ଚଣ୍ଡିଖୋଲ କୋର୍ଟକୁ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଉମାକାନ୍ତ ନାୟକ ସୂଚନା ଦେଇଛନ୍ତି ।

## ବ୍ରାହ୍ମଣୀ ପାଣି ଅଟକାଇବା ଯୋଜନା ଫସର ଫାଟିଲା, ବାଲିବନ୍ଧ ଧୋଇନେଲା ପ୍ରଖର ସ୍ରୋତ



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ନିକଟ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ବ୍ରାହ୍ମଣୀ ନଦୀ ପାଣିକୁ ଅଟକାଇବା ପାଇଁ ବାଲିବନ୍ଧ କରାଯାଇଥିଲା । ପାଣି ରୋକା ଯାଇଥିଲେ ବ୍ରାହ୍ମଣୀ ବ୍ରିଜ୍ ନିକଟରେ ବାଲିଘାଟ କରାଯାଇ ବାଲିଲୁଟ୍ ହୋଇଥାନ୍ତା । ହେଲେ ବାଲିଘାଟ ଚାଲିବା ପୂର୍ବରୁ ବ୍ରାହ୍ମଣୀର ପ୍ରଖର ସ୍ରୋତ ବାଲିବନ୍ଧକୁ ଧୋଇନେଲା । ଫଳରେ ବାଲିଘାଟ ପାଇଁ ବ୍ରାହ୍ମଣୀ ପାଣି ଅଟକାଇବା ଯୋଜନା ଫସର ଫାଟିଛି । ବ୍ରାହ୍ମଣୀକୁ ଚିରସ୍ରୋତା କରିବା ପାଇଁ ୧୨ବର୍ଷ ହେଲା ବ୍ରାହ୍ମଣୀ ବଂଚାଅ ଆନ୍ଦୋଳନ ଜାରି ରହିଛି । ଏହି ସମୟରେ ବ୍ରାହ୍ମଣୀ ପାଣିକୁ ଅଟକାଇ ବାଲିବନ୍ଧ କରିବାକୁ କିଏ ଅନୁମତି ଦେଲା, ଏହାକୁ ନେଇ ସ୍ଥାନୀୟ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି । ପ୍ରକାଶ ଯେ, ପୂର୍ବରୁ ଧର୍ମଶାଳା ତହସିଲ ଅଧୀନରେ ଥିବା ଗୋକର୍ଣ୍ଣେଶ୍ୱର ବାଲିଘାଟ ଏବେ ରସୁଲପୁର ତହସିଲ ଅଧୀନରେ ରହିଛି । ବର୍ତ୍ତମାନ ବ୍ରାହ୍ମଣୀରେ ପାଣି ପ୍ରବାହିତ ହେଉଥିବାରୁ ବାଲି ଉତୋଳନ କରିବାରେ ବାଧା ଉପୁଜୁଛି । ଫଳରେ ବାଲିଘାଟ ଚଳାଇବା ପାଇଁ ଏକ ପୋକଲିନ୍ ମେସିନ୍ ସାହାଯ୍ୟରେ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟ ନଦୀଗର୍ଭରେ ଓଡ଼ଙ୍ଗ ଗାଁ ପର୍ଯ୍ୟ' ପ୍ରାୟ ୩୦୦ମିଟର ଲମ୍ବର ଏକ ବାଲିବନ୍ଧ କରାଯାଇଥିଲା । ଯାହା ଏକ ନିୟମବିରୁଦ୍ଧ କାର୍ଯ୍ୟ ବୋଲି ଅଭିଯୋଗ ହୋଇଥିଲା । ତେବେ ବାଲିବନ୍ଧ ନିର୍ମାଣର ଦୁଇଦିନ ପରେ ବ୍ରାହ୍ମଣୀର ପ୍ରଖର ସ୍ରୋତ ଏହାକୁ ଧୋଇ ନେଇଥିଲା । ବ୍ରାହ୍ମଣୀ ପାଣିକୁ ଅଟକାଇବା ପାଇଁ ବାଲିବନ୍ଧ କରାଯିବା ଓ ଏହାକୁ ପାଣିସୁଅ ଧୋଇନେବା ଘଟଣାକୁ ନେଇ ସ୍ଥାନୀୟ ଅଂଚଳରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଏପଟେ ବାଲିବନ୍ଧ ଯୋଗୁ ବ୍ରାହ୍ମଣୀ ତଳ ଅଂଚଳକୁ ପାଣି ପ୍ରବାହିତ ବନ୍ଦ ହୋଇଯାଇଥିଲା । ଯାହାକୁ ନଦୀ ତଟବର୍ତ୍ତୀ ଅଂଚଳବାସୀ ତୀବ୍ର ବିରୋଧ କରିଥିଲେ । ପୂର୍ବରୁ ବ୍ରାହ୍ମଣୀ ସେତୁ ନିକଟରୁ ବିପୁଳ ପରିମାଣର ବାଲି ଉତୋଳନ କରାଯିବା ଯୋଗୁ ୨ଟି ସେତୁପ୍ରତି ବିପଦ ସୃଷ୍ଟି ହୋଇଥିଲା । ଏବେ ୧୬ ନମ୍ବର ଜାତୀୟ ରାଜପଥ ସଂପ୍ରସାରଣ ପାଇଁ ଆଉ ଏକ ସେତୁ ନିର୍ମାଣ କରାଯାଇଛି । ଏଠାରୁ ବାଲି ଉତୋଳନ କରାଗଲେ ନିକଟରେ ଥିବା ୩ଟି ସେତୁ ପ୍ରତି ବିପଦ ସୃଷ୍ଟି ହେବା ଆଶଙ୍କା ସୃଷ୍ଟି ହୋଇଛି । ତୁରନ୍ତ ଏହି ବାଲିଘାଟ ନିଲାମକୁ ବାତିଲ କରିବାପାଇଁ ବ୍ରାହ୍ମଣୀ ଉପରେ ନିର୍ଭର କରୁଥିବା ୧୦ରୁ ଅଧିକ ପଂଚାୟତବାସୀ ରାଜସ୍ୱମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି ।

## ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତିଲେ ଛାତ୍ର, ବିଧାୟକ ଦେଲେ ନୂତନ ସାଇକେଲ



ବୟାଳିଶମୌଜା (ପିଏନ୍): ବୟାଳିଶମୌଜା ଗୋବିନ୍ଦପୁର ନିବାସୀ ଗଣେଶ୍ୱର ସ୍ୱାଇଁଙ୍କ ପୁତ୍ର ସୌମ୍ୟରଂଜନ ସ୍ୱାଇଁ ବିଦ୍ୟାଳୟରୁ ନିଜ ଗରକୁ ଫେରୁଥିବା ସମୟରେ ବେଂଟକାର ଷ୍ଟେଟବ୍ୟାଙ୍କ ଛକ ନିକଟରେ ମୋ ବସ ସହିତ ଧକ୍କା ହୋଇ ଗୁରୁତର ଆହତ ହୋଇଥିଲେ । ବେଂଟକାର ସରସ୍ୱତୀ ଶିଶୁ ମନ୍ଦିରର ଷଷ୍ଠ ଶ୍ରେଣୀର ଛାତ୍ର ସୌମ୍ୟରଂଜନ ବିଦ୍ୟାଳୟରୁ ନିଜ ସାଇକେଲରେ ଘରକୁ ଫେରିବା ସମୟରେ ବିପରୀତ ଦିଗରୁ ଦ୍ରୁତ ଗତିରେ ଆସୁଥିବା ମୋ ବସ ସାଇଡ ମାରିବାରୁ ସୌମ୍ୟରଂଜନ ସାଇକେଲରୁ ତଳେ ପଡିଯାଇଥିଲେ । ମୋ ବସ ସାଇକେଲ ଉପରେ ଚଢି ଯାଇଥିଲା । ସ୍ଥାନୀୟ ଯୁବକମାନେ ବସକୁ ଅଟକାଇବା ସହିତ ସେହି ସ୍ଥାନରେ ଉତେଜନା ଦେଖାଯାଇଥିଲା । ସ୍ଥାନୀୟ ଯୁବକମାନଙ୍କ ଦ୍ୱାରା ବେଂଟକାର ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ସୌମ୍ୟରଂଜନଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା । ବୟାଳିଶମୌଜାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଆସିଥିବା କଟକସଦର ବିଧାୟକ ଚନ୍ଦ୍ରସାରଥି ବେହେରା ଖବରପାଇ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ପହଂଚି ପରିବାରବର୍ଗଙ୍କୁ ସାନ୍ତ୍ୱନା ଦେବା ସହିତ ଆଶୁ ଚିକିତ୍ସାର ବନ୍ଦୋବସ୍ତ କରିଥିଲେ । ଦୁର୍ଘଟଣାରେ ସୌମ୍ୟରଂଜନଙ୍କର ସାଇକେଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାରୁ ଏକ ନୂତନ ସାଇକେଲ କ୍ରୟ କରିବା ପାଇଁ ସୌମ୍ୟରଂଜନଙ୍କ ପିତାଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ । ଏକ ବହୁତ ବଡ ଦୁର୍ଘଟଣାରୁ ଅଳ୍ପକେ ବର୍ତିଯାଇଥିବା ସୌମ୍ୟରଂଜନଙ୍କ ପରିବାର ତଥା ଗୋବିନ୍ଦପୁରବାସୀ ବିଧାୟକଙ୍କର ଏଭଳି ପଦକ୍ଷେପ ପାଇଁ ସାଧୁବାଦ ଦେଇଛନ୍ତି ।

## ତିରୁପତି ତିରୁମାଲା ଦେବସ୍ଥାନ ମନ୍ଦିରରେ ଗୀତା ପାରାୟଣ ପାଠ



ଭୁବନେଶ୍ୱର (ପିଏନ୍): ଜୟଦେବ ବିହାର ସ୍ଥିତ ତିରୁପତି ତିରୁମାଲା ଦେବସ୍ଥାନ ମନ୍ଦିରରେ ଦୈନିକ ସନ୍ଧ୍ୟା ସମୟରେ ଗୀତା ପାରାୟଣ ପାଠ ଅନୁଷ୍ଠିତ ହେଉଅଛି । ଏହି ଗୀତା ପାରାୟଣ ପାଠ ୧୮ ଦିନ ଧରି ଚାଲିବ । ମନ୍ଦିର ପରିଚାଳନା ଅଧ୍ୟକ୍ଷ ସୂର୍ଯ୍ୟନାରାୟଣଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଅଛି । ଶ୍ରୀ ଡି. ସେସୁକୁମାର ସ୍ୱାମୀ ପ୍ରତିଦିନ ସନ୍ଧ୍ୟାରେ ଭକ୍ତଙ୍କ ଗହଣରେ ଗୀତା ପାରାୟଣ ପାଠ ପରିବେଷଣ କରୁଛନ୍ତି ।

## ରାସ୍ତା ମରାମତି ସ୍ଥାନରେ ବଢୁଛି ମୃତ୍ୟୁହାର



ରାଜ୍ୟରେ ୧୦ ବର୍ଷରେ ୪୫ ହଜାର ଲୋକଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ଏଥିରୁ ୭୦% ଅର୍ଥାତ୍ ପ୍ରାୟ ୩୧,୫୦୦ (୭୦%) ଜଣ ଯୁବ ବର୍ଗର । ଏମାନେ ସେମାନଙ୍କର ପରିବାରର ରୋଜଗାରକ୍ଷମ ସଦସ୍ୟ ଥିଲେ । ରାଜ୍ୟରେ କୋଭିଡ଼ ଆଦି କାରଣରୁ ମୃତ୍ୟୁକୁ ନେଇ ହଇଚଇ ହେଉଥିବାବେଳେ ସଡ଼କ ଦୁର୍ଘଟଣା ଜନିତ ଏହି ପରିସଂଖ୍ୟାନ ହୃଦୟ ଥରାଇ ଦେବାଭଳି । ଆହୁରି ବଡ଼ କଥା ହେଉଛି, କେବଳ ୨୦୨୧ ମସିହାରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ୫୦୦ ଲୋକ ଜୀବନ ହରାଇଛନ୍ତି । ଏସବୁ ପରିସଂଖ୍ୟାନ କୌଣସି ଘରୋଇ ସଂସ୍ଥାର ନୁହେଁ । ବରଂ ନିକଟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବସିଥିବା ରାଜ୍ୟ ସଡ଼କ ସୁରକ୍ଷା ପରିଷଦ ବୈଠକରେ ପରିବହନ ବିଭାଗ ଓ ପୁଲିସ ସରକାରଙ୍କୁ ଏହି ତଥ୍ୟ ପ୍ରଦାନ କରିଛନ୍ତି । ଉଦବେଗର ବିଷୟ ହେଉଛି, ସବୁ ବର୍ଷ ସମସ୍ତେ ଦୁର୍ଘଟଣାକୁ ନେଇ ଏମିତି ଚିନ୍ତାପ୍ରକଟ କରୁଛନ୍ତି ଯେସା କରିଦେବୁ, ତେସା କରିଦିଆଯିବ ଏମିତି ସବୁ ଆଲୋଚନା ହେଉଛି, ଯାହାର ପୁନରାବୃତ୍ତି ଏ ବର୍ଷ ବି ଘଟିଲା । ମାତ୍ର ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ରାଜ୍ୟ ସରକାର ଦୁର୍ଗଟଣାର ଅନେକ କାରଣ ମଧ୍ୟରୁ ପ୍ରମୁଖ କାରଣଗୁଡ଼ିକୁ ନେଇ ନିକଟ ଅତୀତରେ ସେଭଳି କୌଣସି ବିଶେଷ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିନାହାନ୍ତି । ଦ୍ରୁତଗାଡ଼ି ଚାଳନା ପୁରା ବନ୍ଦ ହୋଇପାରିନାହିଁ, ବା ସେ ଦିଗରେ ସରକାରଙ୍କ କଠୋରତା ଦେଖିବାକୁ ମିଳିନାହିଁ । ରାଜ୍ୟ ସରକାର ନିଶା କାରବାରକୁ ପୁରା ନିଷିଦ୍ଧ କରିନାହାନ୍ତି । ମାସ ମାସ ଧରି ଜାତୀୟ ରାଜପଥରେ ଭଙ୍ଗାଗଡ଼ା ଚାଲିଥିବାବେଳେ ଏହାକୁ କିଭଳି ସମୟସୀମା ମଧ୍ୟରେ ଶେଷ କରାଯିବ, ସେ ସମୟରେ ବିକଳ୍ପ ରାସ୍ତା ପାଇଁ କି ନିର୍ଦ୍ଦିଷ୍ଟ ପଦକ୍ଷେପ ନିଆଯିବ ସେ ସବୁ ସମ୍ପର୍କରେ ପରିବହନ ବିଭାଗ କିମ୍ବା ପୁଲିସ କେହି କିଛି କହିନାହାନ୍ତି । ରାସ୍ତା କଡ଼ରେ ଅଧିକରୁ ଅଧିକ ଟ୍ରମା କେୟାର ଖୋଲିବା ଲାଗି ଉଦ୍ୟମ ହୋଇନାହିଁ ।

ସରକାରଙ୍କ ପରିସଂଖ୍ୟାନ କହୁଛି ରାଜ୍ୟରେ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢ଼ିବାରେ ଲାଗିଛି । ପୁଲିସ ଓ ପରିବହନ ବିଭାଗ କେବଳ ଜରିମାନା ଆଦାୟରେ ମାତିଥିବାବେଳେ ଦୁର୍ଘଟଣାଜନିତ ମୃତ୍ୟୁ କିନ୍ତୁ ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କଲାଣି । ଏପରିକି ଗତ ବର୍ଷ ଜାନୁଆରୀରୁ ଜୁନ ତୁଳନାରେ ଚଳିତବର୍ଷ ଏହି ସମୟରେ ୧୧% ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ହୋଇଛି । ଦୁର୍ଘଟଣାଜନିତ ମୃତ୍ୟୁର କାରଣ ଖରାପ ରାସ୍ତା ଡିଜାଇନିଂ, ଖାଲଖମା ଭର୍ତ୍ତି ରାସ୍ତା, ରାସ୍ତାକଡ଼ରେ ଜବରଦଖଲ, ସଡ଼କ ସୁରକ୍ଷା ନେଇ ସଚେତନତା ଅଭାବ, ଜରୁରୀକାଳୀନ ଚିକିତ୍ସା ଅଭାବ, ସର୍ବୋପରି ନିଶା ସେବନ କରି ଗାଡ଼ିଚାଳନା । ମିଳିଥିବା ସୂଚନା ଅନୁସାରେ, ଏହି ବୈଠକରେ ନିଜେ ପୁଲିସ ଡିଜି ସୁନୀଲ ବଂଶଲ ଉଦବେଗର ସହ କହିଥିଲେ ଯେ ୨୦୨୧ରେ ରାସ୍ତା ମରାମତି ଓ ନିର୍ମାଣ ସ୍ଥାନରେ ପ୍ରାୟ ୫୦୦ ଜଣଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଛି । ଏହାର ପ୍ରମୁଖ କାରଣ ହେଉଛି ରାସ୍ତା ଦାୟିତ୍ୱରେ ଥିବା କର୍ତ୍ତୃପକ୍ଷ କି ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେଇନାହାନ୍ତି । ତେଣୁ ଏଣିକି ଅଧିକାରୀ ଓ ସଂସ୍ଥାଙ୍କ ଅବହେଳାକୁ ଗ୍ରହଣ କରାଯିବନାହିଁ । ଯଦି ରାସ୍ତା ମରାମତି, ନିର୍ମାଣ ହେଉଥିବା ସ୍ଥାନରେ କୌଣସି ଦୁର୍ଘଟଣାଜନିତ ମୃତ୍ୟୁ ହୁଏ ତେବେ ମୋଟ ଯାନ ଆଇନ ଅନୁସାରେ ଇଞ୍ଜିନିୟର, ନିର୍ମାଣକାରୀ ଠିକା ସଂସ୍ଥା ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ହେଲେ ନିର୍ଦ୍ଦିଷ୍ଟ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ, କିଏ ପଦକ୍ଷେପ ନେବେ, ସେ ସଂକ୍ରାନ୍ତରେ ନିର୍ଦ୍ଦେଶନାମା ଜାରି ହୋଇନାହିଁ । ଏହାସହ ପୁଲିସ ଡିଜି ଏକଥା ବି କହିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ, ପୁଲିସ ପ୍ରଥମେ ଆହତଙ୍କ ପାଖରେ ପହଞ୍ଚିଥାଏ । ତେଣୁ ପୁଲିସକୁ ନିୟମିତ ପ୍ରଶିକ୍ଷଣ, ଆବଶ୍ୟକୀୟ ଭିତ୍ତିଭୂମି ଏବଂ ଉପକରଣ ଯୋଗାଇବା ଦରକାର । ଏହା ମିଳିଲେ ହିଁ ଆମେ ସୁପ୍ରିମକୋର୍ଟ ସଡ଼କ ସୁରକ୍ଷା କମିଟି ପକ୍ଷରୁ ନିୟମିତ ଜାରି ହେଉଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ କାମ କରିପାରିବୁ । ବୈଠକରୁ ମିଳିଥିବା ତଥ୍ୟ ଆହୁରି କହୁଛି ଯେ, ବହୁ ଅଣପ୍ରାପ୍ତ ବୟସ୍କ ବିନା ଡ୍ରାଇଭିଂ ଲାଇସେନ୍ସରେ ଗାଡ଼ି ଚଳାଉଛନ୍ତି । ତେଣୁ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ । ଏକଥା ଏଥର କେବଳ ନୁହେଁ, ସବୁ ବୈଠକରେ ଚର୍ଚ୍ଚା ହେଉଛି । ଅନେକ ଥର ସରକାର ନିର୍ଦ୍ଦେଶ ଦେଇଛନ୍ତି ଧରପଗଡ଼ କର । ହେଲେ ଅନୁପାଳନ ହେଉନାହିଁ । ଆଦୌ ନିର୍ଦ୍ଦେଶନାମା ମାନୁନଥିବା ଅଧିକାରୀଙ୍କ ବିରୋଧରେ ବି କୌଣସି ଦଣ୍ଡବିଧାନ ହୋଇନାହିଁ । ସ୍ପଷ୍ଟ ଭାବେ କହିଲେ ନିୟମ ଉଲ୍ଲଂଘନକାରୀ, ବେପରୁଆ ଗାଡ଼ି ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ବାତିଲ କରିବାକୁ ନିୟମ ହୋଇଥିଲେ ବି ତାହା କଡ଼ାକଡ଼ି ଲାଗୁ ହେଉନି । ଏଠାରେ ପ୍ରକାଶ ଥାଉକି ଚଳିତବର୍ଷ ଜାନୁଆରିରୁ ଜୁନ ମଧ୍ୟରେ ୫,୨୧,୪୪୯ ଜଣ ଟ୍ରାଫିକ ଉଲ୍ଲଂଘନକାରୀ ପୁଲିସ ଦ୍ୱାରା ଧରାପଡ଼ିଥିବାବେଳେ ଏଥିରୁ ମାତ୍ର ୪.୪୬% ଅର୍ଥାତ୍ ୨୩,୨୯୪ ଜଣଙ୍କ ଲାଇସେନ୍ସ ବାତିଲ ପାଇଁ ଆରଟିଓ ଗୁଡ଼ିକୁ ପଠାଯାଇଛି । ସେହିପରି ଏହି ସମୟରେ ସଡ଼କ ସୁରକ୍ଷା ଉଲ୍ଲଂଘନ ନେଇ ଆରଟିଓଗୁଡ଼ିକ ୧୨୯୭୯୪ଟି ଇ-ଚାଲାଣ କରିଥିବାବେଳେ ଏଥିରୁ ମାତ୍ର ୧୯.୨% ଅର୍ଥାତ୍ ୨୪୬୯୨ଟି ଲାଇସେନ୍ସ ବାତିଲ କରାଯାଇଛି । ବହୁ ଲାଇସେନ୍ସ ତିନି ମାସ ପାଇଁ ବାତିଲ ହେବା ପରେ ବି ଉକ୍ତ ଲାଇସେନ୍ସଧାରୀ ଏହି ସମୟରେ ଗାଡ଼ି ଚଳାଉଛନ୍ତି । ଜଣେ ଅଧିକାରୀ କହିଛନ୍ତି ଯେଉଁମାନଙ୍କର ଡ୍ରାଇଭିଂ ଲାଇସେନ୍ସ ବାତିଲ ହେଉଛି ସେଗୁଡ଼ିକ ପୁଲିସ ଓ ଆରଟିଓର ଇ-ଚାଲାଣ ସହ ସଂଯୋଗ କରିବା ତଥା ପୁଲିସକୁ ଦେବାକୁ ସ୍ଥିର ହୋଇଛି । ସେହିପରି ଶୀତଋତୁରେ ରାତିରେ ଘନ କୁହୁଡ଼ି ଯୋଗୁଁ ଅଧିକ ଦୁର୍ଘଟଣା ହେଉଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାକଲାଇଟ ଓ ରିଫ୍ଲେକ୍ଟିଭ ଟେପ ଲଗାଉଥିବା ଗାଡ଼ି ମାଲିକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିଷ୍ପତ୍ତି ହୋଇଛି । ଏହା ଚଳିତ ମାସରୁ କଡ଼ାକଡ଼ି ଲାଗୁ ହେବ । ରାସ୍ତା ଉପରେ ବସ, ଟ୍ରକ ଭଳି ବଡ଼ ଗାଡ଼ି ପାର୍କିଂ ନକରିବାକୁ ବସ ଓ ଟ୍ରକ ମାଲିକ ସଂଘକୁ କୁହାଯାଇଛି । ଓଡ଼ିଶା ସରକାରଙ୍କ ପରିବହନ ବିଭାଗ ଯେଉଁ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି ତାହା ସମଗ୍ର ଭାରତରେ ସବୁ ରାଜ୍ୟଙ୍କ ଭିତରେ ଶ୍ରେଷ୍ଠ ଓ ଉଦାହରଣ ସୃଷ୍ଟିକାରୀ ରାଜ୍ୟ ।

**-ନାଟ୍ୟସାରଥି ଅଭୟ କୁମାର ଦାସ**
*ଗୋତରା, ମାହାଙ୍ଗା, କଟକ, ଦୂରଭାଷ : ୯୪୩୭୧୪୨୭୧୭*

## DISPLAY CLASSIFIED


FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ରାଜ୍ୟରେ ଫସଲବୀମା ନମିଳିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଉଭୟେ ଦାୟୀ

ଭୁବନେଶ୍ୱର (ପିଏନ୍): ପଶ୍ଚିମ ଓଡିଶାର ବରଗଡ, ପଦ୍ମପୁର ଆଦି ଅଞ୍ଚଳରେ ଚାଷୀମାନେ ଦୀର୍ଘଦିନ ଧରି ଆନ୍ଦୋଳନ ଚଳାଇ ଆସୁଥିଲେ ସୁଦ୍ଧା ସରକାରଙ୍କ ନିଦ ଭାଙ୍ଗୁ ନଥିଲା । ଏବେ ପଦ୍ମପୁର ଉପନିର୍ବାଚନ ଦୃଷ୍ଟିରୁ ବିଜେଡି ଓ ବିଜେଡି ଉଭୟେ ପରସ୍ପରକୁ ଦାୟୀ କରି ଚାଷୀମାନଙ୍କୁ ଭଣ୍ଡାଇବାକୁ ଉଦ୍ୟମ କରୁଛନ୍ତି । ଫସଲ ବୀମା ରାଶି ଚାଷୀଙ୍କୁ ନ ମିଳିବା ପାଇଁ ଉଭୟେ କେନ୍ଦ୍ର ଓ ରାଜ୍ୟ ସରକାର ଦୋଷୀ । ନରେନ୍ଦ୍ରମୋଦୀ ସରକାର କ୍ଷମତାକୁ ଆସିଲା ପରେ ୨୦୧୬ ମସିହାରେ ଘରୋଇ ବୀମା କମ୍ପାନୀକୁ ପ୍ରବେଶ କରାଇ ଏହାକୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ରଖିଲେ । ରାଷ୍ଟ୍ରାୟତ ବୀମା କମ୍ପାନୀ ଗୁଡିକୁ ସ୍ଥାଣୁ କରିଦେଲେ । ଫସଲବୀମା ଯୋଜନା ପାଇଁ ପ୍ରତ୍ୟେକ ରାଜ୍ୟ ସରକାର ନିଜର ମନ ମୁତାବକ କମ୍ପାନୀ ଚୟନ କରିବେ । ଏହି ଯୋଜନାରେ ବୀମା ପ୍ରିମିୟମ ବାବଦକୁ ହିତାଧିକାରୀ କୃଷକ, ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାର ଅର୍ଥରାଶି ବହନ କରିବେ । ଏହି ଯୋଜନା ପ୍ରଣୟନ ହେବାର ଛଅ ବର୍ଷ ପରେ ସରକାରୀ ତଥ୍ୟ ଏବଂ ପରିସଂଖ୍ୟାନ ଅନୁଯାୟୀ ସମଗ୍ର ଦେଶରେ ଘରୋଇ ବୀମା କମ୍ପାନୀମାନେ ସମଗ୍ର ଅର୍ଥକୁ ଲୁଟ କରୁଛନ୍ତି । ନିକଟରେ ଏକ ତଥ୍ୟ ପ୍ରକାଶ ପାଇଛି ଯେ ବିନା ପୁଞ୍ଜି ବିନିଯୋଗରେ ଏହି କମ୍ପାନୀମାନେ ୪୦୦୦୦ କୋଟି ଟଙ୍କା ହଡପ କରିଛନ୍ତି । ଓଡିଶା ସମେତ କୌଣସି ରାଜ୍ୟରେ ଚାଷୀ ଏହାର କୌଣସି ସୁବିଧା ପାଉନାହାଁନ୍ତି । ଏହାର ପରିଣାମ ସ୍ୱରୁପ ବିଜେପି ଶାସିତ ଗୁଜୁରାଟ ସମେତ ୧୦ରୁ ଉର୍ଦ୍ଧ୍ୱ ରାଜ୍ୟ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ହୋଇଥିବା ଚୁକ୍ତିରୁ ଓହରିବା ଆରମ୍ଭ କରିଛନ୍ତି ।

କେନ୍ଦ୍ର ସରକାର ସ୍ଥିର କରିଥିବା ହାତ ଗଣତି କିଛି କମ୍ପାନୀ ମଧ୍ୟରୁ ଘରୋଇ ବୀମା କମ୍ପାନୀମାନଙ୍କୁ ଓଡିଶାରୁ ହଟାଇବା ସହ ଖିଲାପି କମ୍ପାନୀଗୁଡିକ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି । କିନ୍ତୁ ଓଡିଶାରେ ଘରୋଇ ବୀମା କମ୍ପାନୀର ବ୍ୟବସାୟ ଚାଲୁ ରହିଛି । ଓଡିଶାର ଚାଷୀ ବହୁଳ ଅଞ୍ଚଳ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ କ୍ଷତିଗ୍ରସ୍ତ ଚାଷୀମାନେ ବୀମା ରାଶି ପାଉନାହାଁନ୍ତି । ରାଜ୍ୟ ସରକାରଙ୍କ ଟେକନିକାଲ ଟିମ କ୍ଷୟକ୍ଷତି ଆକଳନ କରି ରିପୋର୍ଟ ଦେଲା ପରେ ବୀମା କମ୍ପାନୀ ଚାଷୀଙ୍କୁ ଏହି ବୀମା ରାଶି ପୈଠ କରିବା ପାଇଁ ନିୟମ ରହିଛି । ଜିଲ୍ଲା ସ୍ତରର ବିବାଦ ଫଇସଲା ପାଇଁ ଜିଲ୍ଲାପାଳ ନୋଡାଲ ଏଜେନ୍ସି ଭାବେ କାମ କରିବେ । ମାତ୍ର ଅଧିକାଂଶ ସ୍ଥାନରେ ସଠିକ୍ ସମୟରେ କ୍ଷୟକ୍ଷତିର ସର୍ଭେ ନହେବା, ସଠିକ ସମୟରେ କ୍ଷୟକ୍ଷତି ଆକଳନ ରିପୋର୍ଟ ସ୍ଥିର ନ ହୋଇପାରିବା ଇତ୍ୟାଦି ପ୍ରଶାସନିକ ସ୍ଥାଣୁତା ସାଙ୍ଗକୁ ବୀମା କମ୍ପାନୀମାନଙ୍କର ବ୍ୟାବସାୟିକ ଲୁଣ୍ଠନ ମନୋବୃତ୍ତି ଯୋଗୁଁ ଚାଷି ଲାଭ ପାଉ ନାହିଁ । ଏବଂ ସରକାରଙ୍କ ପ୍ରିମିୟମ ଦେୟ ମଧ୍ୟ ଲୁଟ ହେଉଛି । କ୍ରମାଗତ ଭାବେ ପଦ୍ମପୁର ସମେତ ସମଗ୍ର ରାଜ୍ୟରେ ଏହିଭଳି ଚାଷୀ ମାରଣ ବୀମା ଯୋଜନା ପଦାକୁ ଆସିଥିଲେ ମଧ୍ୟ ରାଜ୍ୟ ସରକାର ସମ୍ପୃକ୍ତ ବୀମା କମ୍ପାନୀମାନଙ୍କ ବିରୋଧରେ ଅର୍ଥନୈତିକ ଅପରାଧିକ ମାମଲା କାହିଁକି ଦାୟର କରିନାହାଁନ୍ତି ? କେନ୍ଦ୍ର ସରକାରଙ୍କ ଏହି ଯୋଜନାରୁ ରାଜ୍ୟ ସରକାର କାହିଁକି ଓହରି ନାହାଁନ୍ତି ? ଜିଲ୍ଲାପାଳମାନେ ଚାଷୀମାନେ ବୀମା ରାଶି ପାଇବା ପାଇଁ କି ପଦକ୍ଷେପ ନେଇଛନ୍ତି ? କେନ୍ଦ୍ର ସରକାର ଏହି ଲୁଟେରା କମ୍ପାନୀମାନଙ୍କୁ କଳା ତାଲିକାଭୁକ୍ତ କରି ବ୍ୟବସାୟରୁ ହଟାଉନାହାଁନ୍ତି କାହିଁକି ? ଏହି ପ୍ରଶ୍ନର ଉତ୍ତର ରାଜ୍ୟ ସରକାର ଦେବା ଦରକାର । ବାସ୍ତବରେ ନରେନ୍ଦ୍ର ମୋଦୀ ସରକାରଙ୍କର ଫସଲ ବୀମା ଯୋଜନାର କର୍ପୋରେଟକରଣ ହିଁ ଏହି ଅବସ୍ଥା ପାଇଁ ମୂଳତଃ ଦାୟୀ । ରାଜ୍ୟ ସରକାର ଚାଷୀଙ୍କ ହିତରେ ଠୋସ କୌଣସି ପଦକ୍ଷେପ ଗ୍ରହଣ ନକରି କେବଳ ଚିଠି ଲେଖି ଚୁପ୍ ରହିବା ଯୋଗୁଁ ଚାଷୀମାନେ ହିଁ ହନ୍ତସନ୍ତ ହେଉଛନ୍ତି । ଆଜିର ପରିସ୍ଥିତି ପାଇଁ ଉଭୟ ସରକାର ଦାୟୀ । ଉଭୟ ସରକାର ପରସ୍ପରକୁ ଦୋଷାରୋପ କରି ନିଜ ଉତ୍ତରଦାୟିତ୍ୱକୁ ଏଡାଇ ଦେବା ପାଇଁ ବସିଛନ୍ତି । ଏହା ସହିତ ସମସ୍ତ ଚାଷୀମାନଙ୍କ ନିକଟରୁ କୁଇଣ୍ଟାଲ ପ୍ରତି ୩୦୦୦ଟଙ୍କା ଦରରେ ସବୁ ଧାନ କ୍ରୟ କରିବାକୁ ସି.ପି.ଆଇ.(ଏମ୍) ପକ୍ଷରୁ ଦାବୀ କରାଯାଇଛି । ରାଜ୍ୟ ସରକାର ସ୍ୱାମୀନାଥନ କମିଶନ ସୁପାରିଶ ଅନୁଯାୟୀ ପ୍ରତି ବର୍ଷ ଉତ୍ପାଦନ ଖର୍ଚ୍ଚର ଅର୍ଦ୍ଧେକ ଖର୍ଚ୍ଚ ସର୍ବନିମ୍ନ ସହାୟକ ମୂଲ୍ୟ ଧାର୍ଯ୍ୟକୁ ସମର୍ଥନ କରୁଥିବା କହୁଥିଲେ ହେଁ ରାଜ୍ୟରେ ଚାଷୀମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପଦକ୍ଷେପ ନେଉନାହାଁନ୍ତି । ଧାନର ସହାୟକ ମୂଲ୍ୟ କୁଇଣ୍ଟାଲ ପ୍ରତି ୨୯୫୦ ଟଙ୍କା କରିବା ପାଇଁ ରାଜ୍ୟ ବିଧାନ ସଭାରେ ଏକ ସର୍ବଦଳୀୟ ସଂକଳ୍ପ ପାରିତ କରାଇ କେନ୍ଦ୍ର ସରକାରଙ୍କୁ ଚିରାଚରିତ ଢଙ୍ଗରେ ଚିଠି ଲେଖି ଦେଇ ନିଜ କର୍ତ୍ତବ୍ୟ ସରିଗଲା ବୋଲି ଭାବୁଛନ୍ତି ।

କେରଳ, ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ଘୋଷିତ ସହାୟକ ମୂଲ୍ୟ ଉପରେ କୁଇଣ୍ଟାଲ ପ୍ରତି ୯୦୦ଟଙ୍କା ବୋନସ ଏବଂ ଛତିଶଗଡ, ଝାଡଖଣ୍ଡ, ତାମିଲନାଡୁ ଆଦି ରାଜ୍ୟ ସରକାରମାନେ ମଧ୍ୟ ବୋନସ୍ ପ୍ରଦାନ କରୁଥିବା ବେଳେ ଓଡିଶା ସରକାର ଟଙ୍କାଟିଏ ମଧ୍ୟ ବୋନସ୍ ଦେଉନାହାଁନ୍ତି । ରାଜ୍ୟ ସରକାର ସଂଗ୍ରହ ମୂଲ୍ୟ ଉପରେ ରାଜ୍ୟ ଖାଉଟି ଓ ଯୋଗାଣ କର୍ପୋରେସନ୍ ପାଉଥିବା କମିଶନ ଛାଡ କରି ଦେଇ ସେହି ଅର୍ଥ ସିଧାସଳଖ ଅନ୍ତତଃ ଚାଷୀମାନଙ୍କୁ ପ୍ରଦାନ କଲେ ଚାଷୀମାନେ କିଛିଟା ଉପକୃତ ହୁଅନ୍ତେ । ଅନ୍ୟପକ୍ଷରେ ସରକାରୀ କଳ, ଧାନ କଳ ମାଲିକମାନଙ୍କ କୁଚକ୍ରୀ ଗୋଷ୍ଠି ଚାଷିମାନଙ୍କ ଠାରୁ ସଂଗ୍ରହ ବେଳେ 'କଟନୀ ଛଟନୀ' କରି ୭/୮ କିଲୋ ପର୍ଯ୍ୟନ୍ତ ଧାନ କାଟି ରଖୁଛନ୍ତି । ଏପରି ବେଆଇନ ଆଦାୟ ଯୋଗୁଁ ଶହ ଶହ କୋଟି ଟଙ୍କା ବିପୁଳ କଳାଧନକୁ ଡିଲର, ସୋସାଇଟି, ସରକାରୀ ବାବୁ ଏବଂ ଶାସକ ଦଳ ମଧ୍ୟରେ ବଣ୍ଟନ ହେଉଛି । ଏହାସହିତ ଚାଷୀମାନଙ୍କ ମଧ୍ୟରେ ଟୋକନ ବଣ୍ଟା ହେଲା ପରେ ମଧ୍ୟ ଧାନ ସଂଗ୍ରହ ହେଉନାହିଁ । ଫଳରେ ଚାଷୀ ଅଭାବୀ ଦରରେ ଧନ ବିକ୍ରୀ କରିବାକୁ ବାଧ ହେଉଛି । ଏପରି ଶହ ଶହ କୋଟି ଟଙ୍କାର ଦୁର୍ନୀତି ସ୍ପଷ୍ଟ ଦିବାଲୋକରେ ଚାଲିଛି । ଏହି ପଟ୍ଟଭୂମିରେ ଚଳିତ ପଦ୍ମପୁର ଉପନିର୍ବାଚନରେ ଚାଷୀ ସ୍ୱାର୍ଥ ବିରୋଧି ବିଜେପି ଓ ବିଜେଡି ଉଭୟଙ୍କୁ ପରାସ୍ତ କରି ଉଚିତ ଜବାବ ଦେବା ପାଇଁ ଆହ୍ୱାନ କରୁଛୁ । ଚାଷୀମାନଙ୍କୁ ଚଳିତ ବର୍ଷ କୁଇଣ୍ଟାଲ ପ୍ରତି ୩୦୦୦ ଟଙ୍କା ଦରରେ ସହାୟକ ମୂଲ୍ୟ ପ୍ରଦାନ କରିବା ଓ ଫସଲ ବୀମା ରାଶି ତୁରନ୍ତ ପ୍ରଦାନ କରିବା ପାଇଁ ଦାବୀ କରୁଛୁ ।

### ରାଷ୍ଟ୍ରପତିଙ୍କୁ ପ୍ରଶଂସା କଲା ଉତ୍କଳ ସମ୍ମିଳନୀ

ଭୁବନେଶ୍ୱର (ପିଏନ୍): ମହାମହିମ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ପ୍ରଶଂସା କରିବା ସହିତ ଧନ୍ୟବାଦ ଜଣାଇଛି ଉତ୍କଳ ସମ୍ମିଳନୀ । ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରପତି ଭାବେ ପ୍ରଥମ ଓଡିଶା ଗସ୍ତ ସମୟରେ ଭୁବନେଶ୍ୱରରେ ପହଞ୍ଚି ପ୍ରଥମେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ନିଷ୍ପତି ସ୍ୱାଗତଯୋଗ୍ୟ । ଅତିଥିମାନେ ଓଡିଶା ଆସିଲେ ପ୍ରଥମେ ଉତ୍କଳଗୌରବଙ୍କୁ ମାଲ୍ୟାର୍ପଣ କରିବା ପରମ୍ପରା ହେବା ଉଚିତ ବୋଲି ରାଷ୍ଟ୍ରପତିଙ୍କୁ ପ୍ରଶଂସା କରି ଉତ୍କଳ ସମ୍ମିଳନୀ ପକ୍ଷରୁ ସମ୍ମିଳନୀର ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଓଡିଶାକୁ କିମ୍ବା ରାଜଭବନକୁ ଯେଉଁ ଅତିଥିମାନେ ଆସିବେ ସମସ୍ତେ ରାଜଭବନ ସମ୍ମୁଖରେ ଥିବା ଉତ୍କଳଗୌରବ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ମାଲ୍ୟାର୍ପଣ କରି ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଆବଶ୍ୟକ ବୋଲି ଶ୍ରୀ ଦାଶଶର୍ମା କହିଛନ୍ତି । ପ୍ରଥମ ଓଡିଆ ରାଷ୍ଟ୍ରପତିଙ୍କ ପ୍ରଥମ ଓଡିଶା ଗସ୍ତକୁ ମନେରଖିବା ପାଇଁ ଏହି ପରମ୍ପରା ବଜାୟ ରଖିବା ପାଇଁ ଉତ୍କଳ ସମ୍ମିଳନୀ ଦାବି କରିଛି ।

### ଧର୍ମପ୍ରାଣା ମହିଳାଙ୍କ ପରଲୋକ



ଖୋର୍ଦ୍ଧା (ପିଏନ୍): ଖୋର୍ଦ୍ଧା ନବୀନାବାଗ ସ୍ଥିତ ଧର୍ମପ୍ରାଣା ମହିଳା ଉଷାରାଣୀ ଶତପଥୀଙ୍କର ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଗତ ୨୦ତାରିଖ ରାତି ସାଢ଼େ ଦଶଟାରେ ପରଲୋକ ଘଟିଛି । ସେ କର୍କଟ ରୋଗରେ ଆକ୍ରାନ୍ତ ଥିଲେ । ସେ ବିଶିଷ୍ଟ ଶିକ୍ଷାବିତ୍ ତଥା କବି ବାମଦେବ ଶତପଥୀଙ୍କ ପତ୍ନୀ ଅଟନ୍ତି । ରଣପୁର ବୃନ୍ଦାବନପୁରରେ ଜନ୍ମଗ୍ରହଣ କରିଥିବା ଧର୍ମପ୍ରାଣା ଉଷାରାଣୀଙ୍କ ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଲଳିତ ମୋହନ, ପୁତ୍ରବଧୂ ବନ୍ଦିତା, ଦୁଇକନ୍ୟା ବିଜୟଲକ୍ଷ୍ମୀ ଓ ରାଜଲକ୍ଷ୍ମୀ ଏବଂ ଜାମାତା ଦ୍ୱୟ ବିଷ୍ଣୁପଦ ଶତପଥୀ ଓ ଚିତ୍ତରଞ୍ଜନ କର ଉପସ୍ଥିତ ଥିଲେ । ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବାବେଳେ ପୁଅ ଲଳିତ ମୋହନ ମୁଖାଗ୍ନି ଦେଇଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଗଭୀର ଶୋକ ପ୍ରକାଶ ପାଇଛି ।




# ପାଟଣାଗଡ ଅବକାରୀ ବିଭାଗ ଦ୍ୱାରା ୧୭ କିଲୋ ଗଞ୍ଜେଇ ଜବତ: ୩ ଜଣ ଗିରଫ

ବଲାଙ୍ଗିର,ପି.ଏନ: ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅବକାରୀ ବିଭାଗ ପେଟ୍ରୋଲିଂ କରୁଥିବା ସମୟରେ ଗତକାଲି ବିଭିନ୍ନ ସ୍ଥାନରୁ ୧୭ କେଜି ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଜୟଧର ସୁନା , ରାଜେଶ ସୁନା, ଓ ଜୟସିଂ ଯାଦବ ବୋଲି ଜଣାପଡିଛି । କୋର୍ଟ ରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପ ନିରୀକ୍ଷକ ସତ୍ୟନାରାୟଣ ଦାସଙ୍କ ଠାରୁ ଜଣାପଡିଛି । ସୂଚନା ଅନୁସାରେ ଗତକାଲି ଅବକାରୀ ବିଭାଗର ଦୁଇଟି ଟିମ୍ ଲାଠୋର ଥାନା ଅଧୀନରେ ଥିବା ଝାକ୍ରିପାଲି ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ । ଠିକ ଏହି ସମୟରେ ଏକ ଫେସନ ପ୍ଲସ ବାଇକ୍ ଯୋଗେ ଦୁଇ ଜଣ ଯୁବକ ମଝିରେ ଏକ ଭର୍ତ୍ତି ଥିବା ଜରିବସ୍ତା ଧରି ସେହି ରାସ୍ତା ଦେଇ ଦ୍ରୁତ ଗତି ରେ ଯାଇଥିଲେ । ଅବକାରୀ ବିଭାଗ ସନ୍ଦେହ କରି ସେମାନଙ୍କୁ ପିଛା କରିଥିଲା । କିଛି ବାଟ ପିଛା କରିବା ପରେ ସେମାନଙ୍କୁ ଅଟକାଇବାରେ ସଫଳ ହୋଇଥିଲା ।ଯାଞ୍ଚ ସମୟରେ ବାଇକ୍ ରେ ଥିବା ଜୟଧର ସୁନା ଓ ରାଜେଶ ସୁନା ଧରି ଥିବା ଜରିବସ୍ତା ରୁ ଗଞ୍ଜେଇ ବାହାରି ଥିଲା । ଅନୁରୂପ ଭାବରେ ସେହି ରାସ୍ତା ର ଅନୀତ ଦୂରରେ ଥିବା ଜଣେ ଯୁବକ ମଧ ଏକ ଅଧା ଜରି ଭର୍ତ୍ତି ଥିବା ବସ୍ତା ଧରି ଏକ ଗଛ ମୂଳେ ଅଟକି ରହିଥିଲା । ଅବକାରୀ ବିଭାଗର ସନ୍ଦେହ ହେବାରୁ ଉକ୍ତ ଯୁବକ ଙ୍କୁ ମଧ ପଚାରା ଉଚରା ପରେ ଜରିବସ୍ତା ଖୋଲି ଦେଖାଇବାକୁ କୁହାଯାଇଥିଲା । ସେହି ବସ୍ତାରେ ମଧ ଗଞ୍ଜେଇ ଥିବା ବିଭାଗ ଜାଣିପାରିଥଲା । ଘଟଣା ସ୍ଥଳରୁ ୩ ଜଣ କୁ ଗିରଫ କରି ପାଟଣାଗଡ଼ ଅବକାରୀ ଉପ କାର୍ଯ୍ୟାଳୟ କୁ ଅଣାଯାଇଥିଲା । ଅଧିକ ତଦନ୍ତ ପରେ ଜୟଧର ଓ ରାଜେଶ ଙ୍କ ଠାରୁ ୧୦ ଓ ଜୟସିଂ ଙ୍କ ବସ୍ତା ରୁ ୭ ଗଞ୍ଜେଇ ଥିବା ଜଣାପଡିଥିଲା । ପୃଥକ୍ ପୃଥକ୍ ଭାବରେ ଦୁଇ ଟି ମାମଲା ରୁଜୁ କରି ତିନି ଜଣ ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପନିରିକ୍ଷକ ଶ୍ରୀ ଦାସ ଙ୍କ ଠାରୁ ଜଣାପଡିଛି ।

ପାଟଣାଗଡ ଅବକାରୀ ବିଭାଗ ଦ୍ୱାରା ୧୭ କିଲୋ ଗଞ୍ଜେଇ ଜବତ: ୩ ଜଣ ଗିରଫ

ବଲାଙ୍ଗିର,ପି.ଏନ: ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ଅବକାରୀ ବିଭାଗ ପେଟ୍ରୋଲିଂ କରୁଥିବା ସମୟରେ ଗତକାଲି ବିଭିନ୍ନ ସ୍ଥାନରୁ ୧୭ କେଜି ଗଞ୍ଜେଇ ଜବତ କରିବା ସହ ୩ ଅଭିଯୁକ୍ତ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତ ମାନେ ହେଲେ ଜୟଧର ସୁନା , ରାଜେଶ ସୁନା, ଓ ଜୟସିଂ ଯାଦବ ବୋଲି ଜଣାପଡିଛି । କୋର୍ଟ ରେ ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପ ନିରୀକ୍ଷକ ସତ୍ୟନାରାୟଣ ଦାସଙ୍କ ଠାରୁ ଜଣାପଡିଛି । ସୂଚନା ଅନୁସାରେ ଗତକାଲି ଅବକାରୀ ବିଭାଗର ଦୁଇଟି ଟିମ୍ ଲାଠୋର ଥାନା ଅଧୀନରେ ଥିବା ଝାକ୍ରିପାଲି ଅଞ୍ଚଳରେ ପେଟ୍ରୋଲିଂ କରୁଥିଲେ । ଠିକ ଏହି ସମୟରେ ଏକ ଫେସନ ପ୍ଲସ ବାଇକ୍ ଯୋଗେ ଦୁଇ ଜଣ ଯୁବକ ମଝିରେ ଏକ ଭର୍ତ୍ତି ଥିବା ଜରିବସ୍ତା ଧରି ସେହି ରାସ୍ତା ଦେଇ ଦ୍ରୁତ ଗତି ରେ ଯାଇଥିଲେ । ଅବକାରୀ ବିଭାଗ ସନ୍ଦେହ କରି ସେମାନଙ୍କୁ ପିଛା କରିଥିଲା । କିଛି ବାଟ ପିଛା କରିବା ପରେ ସେମାନଙ୍କୁ ଅଟକାଇବାରେ ସଫଳ ହୋଇଥିଲା ।ଯାଞ୍ଚ ସମୟରେ ବାଇକ୍ ରେ ଥିବା ଜୟଧର ସୁନା ଓ ରାଜେଶ ସୁନା ଧରି ଥିବା ଜରିବସ୍ତା ରୁ ଗଞ୍ଜେଇ ବାହାରି ଥିଲା । ଅନୁରୂପ ଭାବରେ ସେହି ରାସ୍ତା ର ଅନୀତ ଦୂରରେ ଥିବା ଜଣେ ଯୁବକ ମଧ ଏକ ଅଧା ଜରି ଭର୍ତ୍ତି ଥିବା ବସ୍ତା ଧରି ଏକ ଗଛ ମୂଳେ ଅଟକି ରହିଥିଲା । ଅବକାରୀ ବିଭାଗର ସନ୍ଦେହ ହେବାରୁ ଉକ୍ତ ଯୁବକ ଙ୍କୁ ମଧ ପଚାରା ଉଚରା ପରେ ଜରିବସ୍ତା ଖୋଲି ଦେଖାଇବାକୁ କୁହାଯାଇଥିଲା । ସେହି ବସ୍ତାରେ ମଧ ଗଞ୍ଜେଇ ଥିବା ବିଭାଗ ଜାଣିପାରିଥଲା । ଘଟଣା ସ୍ଥଳରୁ ୩ ଜଣ କୁ ଗିରଫ କରି ପାଟଣାଗଡ଼ ଅବକାରୀ ଉପ କାର୍ଯ୍ୟାଳୟ କୁ ଅଣାଯାଇଥିଲା । ଅଧିକ ତଦନ୍ତ ପରେ ଜୟଧର ଓ ରାଜେଶ ଙ୍କ ଠାରୁ ୧୦ ଓ ଜୟସିଂ ଙ୍କ ବସ୍ତା ରୁ ୭ ଗଞ୍ଜେଇ ଥିବା ଜଣାପଡିଥିଲା । ପୃଥକ୍ ପୃଥକ୍ ଭାବରେ ଦୁଇ ଟି ମାମଲା ରୁଜୁ କରି ତିନି ଜଣ ଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପନିରିକ୍ଷକ ଶ୍ରୀ ଦାସ ଙ୍କ ଠାରୁ ଜଣାପଡିଛି ।

## କେନ୍ଦ୍ରାପଡାରେ ବାୟୁସେନା ବୃତ୍ତି ଚୟନ ଶିବିର

କେନ୍ଦ୍ରାପଡ଼ା,(ପି.ଏନ): ଚଳିତବର୍ଷ ହେଉଥିବା ବାୟୁସେନା(ଅଗ୍ନିବୀର ବାୟୁ) ଚୟନ ନିମନ୍ତେ ଭୁବନେଶ୍ୱର - ୯ ବାୟୁସେନା ଚୟନ କାର୍ଯ୍ୟାଳୟର କମାଣ୍ଡିଙ୍ଗ ତଥା ଉଇଙ୍ଗ କମାଣ୍ଡିଙ୍ଗ ଅଫିସର ଏନ.ଏସ. ସୁନ୍ଦର ଏବଂ ତାଙ୍କର ଅନ୍ୟ ସହକର୍ମୀ ବୃନ୍ଦ କେନ୍ଦ୍ରାପଡା ଜିଲ୍ଲା ନିୟୋଜନ ଅଧିକାରୀ ଘନଶ୍ୟାମ ସାଙ୍କ ସହିତ କେନ୍ଦ୍ରାପଡାର ବିଭିନ୍ନ ଶିକ୍ଷାନୁଷ୍ଠାନ ପରିଦର୍ଶନ କରି ବାୟୁସେନାର ଅଗ୍ନିବୀର ଚୟନ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ସେମାନେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ, କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟ ଓ କେନ୍ଦ୍ରାପଡା ବ୍ଲକର ତରାଣ୍ଡୋସ୍ଥିତ ଆଦର୍ଶ ବିଦ୍ୟାଳୟରେ ବାୟୁସେନାର ବୃତ୍ତି ଚୟନ ନିମନ୍ତେ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଦୁଇଟି ମହାବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ୩୫୫ଜଣ ଛାତ୍ରଛାତ୍ରୀ ବୃତ୍ତି ଚୟନ ପରାମର୍ଶ ଶିବିରରେ ଉପସ୍ଥିତ ଥିଲେ। ଏହି ଶିବିରକୁ ଉଭୟ ମହାବିଦ୍ୟାଳୟ ଓ ବିଦ୍ୟାଳୟର ଅଧକ୍ଷ, କ୍ୟାରିଅର କାଉନସେଲିଂ ସଂଯୋଜକ ପ୍ରମୁଖ ପରିଚାଳନା କରିଥିଲେ। ଶିବିର ଗୁଡିକରେ ବାୟୁସେନାର ଉଇଙ୍ଗ କମାଣ୍ଡିଙ୍ଗ ଅଫିସର ଏନ.ଏସ. ସୁନ୍ଦର ଓ ଜିଲ୍ଲା ନିୟୋଜନ ଅଧିକାରୀ ଶ୍ରୀ ସା ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ବାୟୁସେନାର ଅଗ୍ନିବୀର ଚୟନ ନିମନ୍ତେ ବିଷଦ ଭାବେ ସୂଚନା ପ୍ରଦାନ କରିଥିଲେ।

## ଚମ୍ପୁଆ ଡାକ୍ତରଖାନାରେ ମୌଳିକ ସୁବିଧାରୁ ବଂଚିତ ଗର୍ଭବତୀ ମହିଳା

ଚମ୍ପୁଆ, (ପି.ଏନ): ସ୍ୱାସ୍ଥ୍ୟ ବିଭାଗ ରୋଗୀଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଥିଲେ ହେଁ ଉପାନ୍ତ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ କିନ୍ତୁ ଗର୍ଭ ବେଦନା ଭୋଗୁଥିବା ଗର୍ଭବତୀ ମହିଳାଙ୍କ ପାଇଁ ମୌଳିକ ସୁବିଧା ଟିକେ ବି ମିଳିପାରୁନି। ସବୁ ଯେମିତି କେବଳ କାଗଜ କଲମରେ ଚାଲୁଥିବା ଦେଖିବାକୁ ମିଳୁଛି। ଏହି ଡାକ୍ତରଖାନାକୁ ନିର୍ଭର କରି ଚମ୍ପୁଆ ଅଂଚଳ ସମେତ ସୀମାନ୍ତ ଝାରଖଣ୍ଡ ରାଜ୍ୟ ଏବଂ ପଡ଼ୋଶୀ ମୟୁରଭଞ୍ଜ ଜିଲ୍ଲାରୁ ଦୈନିକ ଡାକ୍ତରଙ୍କୁ ଦେଖା କରିବାକୁ ଆସୁଥିବା ଗର୍ଭବତୀ ପ୍ରସୂତି ମହିଳାମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି। ତାଙ୍କ ପାଇଁ ସାଧାରଣ ଚେୟାର କିମ୍ବା ବସିବାପାଇଁ କୌଣସି ସୁବିଧା ଯୋଗାଇ ଦିଆଯାଉ ନାହିଁ। ଗର୍ଭ ବେଦନାରେ ଥାଇ ମଧ ମହିଳା ରୋଗୀମାନେ ଦୀର୍ଘ ସମୟ ଧରି ଧାଡ଼ିରେ ଛିଡ଼ାହୋଇ ରହୁଥିବା ସାଧାରଣରେ ଏହି ଡାକ୍ତରଖାନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟକାରିତା ଓ ମାନବିକତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ଏହା ଏବେ ଚମ୍ପୁଆ ବାସୀଙ୍କୁ ବ୍ୟତୀତ କରୁଥିବା ଦେଖିବାକୁ ମିଳୁଛି। ସ୍ୱାସ୍ଥ୍ୟ ବିଭାଗ ରୋଗୀଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେଉଥିବାବେଳେ କାୟାକଳ୍ପ ନାମରେ ସୌନ୍ଦର୍ଯ୍ୟ କରଣ ପାଇଁ କୋଟି କୋଟି ଟଙ୍କା ଅନୁଦାନ ଖର୍ଚ୍ଚ କରାଯାଉଛି। ରୋଗୀ କଲ୍ୟାଣ ସମିତି ନାମରେ ଡାକ୍ତର ଓ କର୍ମଚାରୀଙ୍କ ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରା ଯାଉଛି। ହେଲେ ଏଠି ରୋଗୀଙ୍କ ସୁବିଧା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନଥିବାରୁ ଏହାକୁ ନେଇ ସାଧାରଣରେ ଦିନକୁ ଦିନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏ ସମ୍ପର୍କରେ ଚମ୍ପୁଆ ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଉମାକାନ୍ତ ସାହୁଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ସେ ଫୋନ ରିସିଭ କରୁନଥିବାରୁ କୌଣସି ମତାମତ ମିଳିପାରୁ ନାହିଁ।

## ଟ୍ରେନରେ କଟି ଯୁବକଙ୍କର ମୃତ୍ୟୁ

କେନ୍ଦ୍ରାପଡ଼ା,(ପି.ଏନ): ହରିଦାସପୁର-ପାରାଦ୍ୱୀପ ରେଳପଥର କେନ୍ଦ୍ରାପଡା ସହର ସଂଲଗ୍ନ ଶ୍ୟାମସୁନ୍ଦରପୁର ଓଭର ବ୍ରିଜ ନିକଟରେ ଯାଇଥିବା ରେଳପଥ ଉପରେ ଜଣେ ଯୁବକ ଟ୍ରେନରେ କଟି ମୃତ୍ୟୁ ବରଣ କରିଥିବା ଜଣାପଡିଛି । ମଙ୍ଗଳବାର ବିଳମ୍ବିତ ରାତିରେ କେନ୍ଦ୍ରାପଡା ସହର ବଡହାଟ ଗ୍ରାମର ଘନଶ୍ୟାମ ସାହୁଙ୍କ ପୁଅ କିଶୋର ଚନ୍ଦ୍ର ସାହୁ(୪୦) କୌଣସି କାର୍ଯ୍ୟରେ ଟ୍ରେନ ଲାଇନ ଉପରକୁ ଚାଲି ଯାଇଥିଲେ । ତେବେ ଏହି ସମୟରେ ଏକ ଦୃତଗାମୀ ମାଲଗାଡି ତାଙ୍କ ଉପରେ ମାଡି ଯିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା।

## ଓଡ଼ିଶା ସରକାରୀ ହାଇସ୍କୁଲ(ନୂତନ ପେନସନ) ଯୋଜନା ଶିକ୍ଷକ ସଂଘର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ

ବଲାଙ୍ଗୀର, (ପି.ଏନ): ଓଡିଶା ସରକାରୀ ହାଇସ୍କୁଲ(ନୂତନ ପେନସନ) ଯୋଜନା ଶିକ୍ଷକ ସଂଘର ଏକ ର୍ୟାଲି ସ୍ଥାନୀୟ ରାମ ଗୋପାଳ ହିନ୍ଦି ହାଇସ୍କୁଲରୁ ବାହାରିଥିଲା। ଶିକ୍ଷକମାନେ ଶୋଭାଯାତ୍ରା ମାଧମରେ ବାହାରି ବଲାଙ୍ଗୀର ଶିକ୍ଷା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କଲାପରେ ଜିଲ୍ଲାପାଳ ଅଫିସ ସମ୍ମୁଖରେ ଏକ ପ୍ରତିବାଦ ସଭାର ଆୟୋଜନ କରାଯାଇଥିଲା। ପ୍ରତିବାଦ ସଭାରେ ତାଙ୍କର ଦୁଇଟି ଦାବି ୨୦୧୬ ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ପ୍ରଥମିକ ନିଯୁକ୍ତି ଶିକ୍ଷକମାନଙ୍କ ନିୟମିତ କରଣ ପ୍ରକ୍ରିୟା ଅହେତୁକ ବିଳମ୍ବ ହେବା ଓ ୨୦୦୪ରୁ ୨୦୧୩ ମଧ୍ୟରେ ନିଯୁକ୍ତି ପାଇଥିବା ଚୁକ୍ତିବଦ୍ଧ ଶିକ୍ଷକମାନଙ୍କର ୬ ବର୍ଷର ଚୁକ୍ତି ସମୟକୁ ମୂଳ ଚାକିରିରେ ଗଣନା କରିବା ତଥା ୬ଟି ନେସନାଲ ଇନକ୍ରିମେଂଟ ପ୍ରଦାନ କରିବା ଦାବି ଉପରେ ପ୍ରତିବାଦ କରାଯାଇଥିଲା। ପ୍ରତିବାଦ ସଭାରେ ସଂଘର ରାଜ୍ୟ ଉପ-ସଭାପତି ନରେଶ ଦ୍ୱାରି, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ବରିଷ୍ଠ ଆଇନଜିବି ତଥା ସଭାପତି କୋଶଲ ସମନ୍ୱୟ ସମିତି ପ୍ରମୋଦ କୁମାର ମିଶ୍ର, ସଂପାଦକ ବଲାଙ୍ଗୀର ନାଗରିକ କମିଟି ତଥା ଶିକ୍ଷାବିତ୍ ମନୋରଂଜନ ସାହୁ, ବଲାଙ୍ଗୀର ପ୍ରାଥମିକ ନୂତନ ପେନସନ ଯୋଜନାର ସଭାପତି ଶିତୋଷ କୁମାର ପାଣିଗ୍ରାହୀ, ସଂଘର ଉପଦେଷ୍ଟା ଡୋଳାମଣି ସାହୁ, ପ୍ରାଥମିକ ନିଯୁକ୍ତି ଶିକ୍ଷକ ସଂଘର ସଭାପତି ଶୁଧାଂଶୁ ଶେଖର ବାରିକ, ଶିକ୍ଷୟତ୍ରୀ ଅର୍ଚ୍ଚନା ହନୁମାନ ଉଦ୍‌ବୋଧନ ଦେଇଥିଲେ। ପ୍ରତିବାଦ ସଭା ପରେ ଉପଜିଲ୍ଲାପାଳ ସଭାସ୍ଥଳକୁ ଆସି ଦାବିପତ୍ର ଗ୍ରହଣ କରିଥିଲେ ଓ ଦାବିପତ୍ରଗୁଡ଼ିକୁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ୫ଟି ସଚିବ, ଶିକ୍ଷାମନ୍ତ୍ରୀ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ନିକଟକୁ ପ୍ରେରଣ କରିବା ପାଇଁ ପଦକ୍ଷେପ ନେବେବୋଲି କହିଥିଲେ। ପ୍ରତିବାଦ ସଭାଟି ସଂଘର ସଭାପତି ରାମ କୁମାର ଭୋଇ ଓ ସଂପାଦକ ବୀରକିଶୋର ସୁନାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ହୋଇଥିଲା। ସରକାର ସଂଘର ଦାବିଗୁଡ଼ିକୁ ଶିଘ୍ର ପୁରଣ ନକଲେ ଆଗାମୀ ଦିନରେ ମେଟ୍ରିକ ଏସ୍‌ଏ-୨ ପରୀକ୍ଷାକୁ ବର୍ଜନ କରିବେ ବୋଲି ଚେତାବନୀ ଦେଇଥିଲେ। ଶେଷରେ ସଂଘର ଉପଦେଷ୍ଟା ଦ୍ୱିତୀରଂଜନ ମହାଲିଙ୍ଗଙ୍କ ଧନ୍ୟବାଦ ଦେଇଥିଲେ।

## ଗୋପବନ୍ଧୁ :ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ବିରୁଦ୍ଧରେ ବଲାଙ୍ଗିର ଜିଲ୍ଲାପାଳ କାର୍ଯ୍ୟାଳୟ ଆଗରେ ବି ଜେ ପି ର ବିକ୍ଷୋଭ

ବଲାଙ୍ଗିର,(ପି.ଏନ); ଶାନ୍ତିର ସହର ବଲାଙ୍ଗୀରରେ ଦିନକୁ ଦିନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଦିନ ଦ୍ୱିପହରରେ ଅପରାଧୀ ମାନେ ଅପରାଧ ଘଟାଇ ଚାଲିଛନ୍ତି କିନ୍ତୁ ଅପରାଧୀ ମାନଙ୍କୁ ଗିରଫ କରିବା ଦିଗରେ ବଲାଙ୍ଗୀର ପୋଲିସ ସଂପୂର୍ଣ୍ଣ ବିଫଳ ହୋଇଛି । ବଲାଙ୍ଗୀର ପୋଲିସର ଅପରାଗତା ଅପରାଧୀ ମାନଙ୍କୁ ସୁହାଉଛି । ତେଣୁ ପ୍ରତିଦିନ ଶାନ୍ତିର ସହର ବଲାଙ୍ଗୀରରେ ଗୁଣ୍ଡାଗର୍ଦ୍ଦି ଓ ହତ୍ୟାକାଣ୍ଡ ବଢ଼ିବାରେ ଲାଗିଛି । ବିଜେଡି ଶାସନରେ ଏପରି ଅରାଜକତା ଦେଖାଦେଇଛି ଯେ ଶାସକ ଦଳର ମନ୍ତ୍ରୀଙ୍କୁ ମଧ ପୋଲିସ ଗୁଳିର ଶିକାର ହେବାକୁ ପଡିଛି । ଏହି କ୍ରମରେ ବଲାଙ୍ଗୀର ଜିଲ୍ଲାରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ବିରୁଦ୍ଧରେ ଆଜି ବଲାଙ୍ଗୀର ଭାରତୀୟ ଜନତା ପାର୍ଟି(ବିଜେପି) ପକ୍ଷରୁ ବଲାଙ୍ଗୀର ଜିଲ୍ଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ବିଜେଡି ଶାସନରେ କେବଳ ବଲାଙ୍ଗୀର ନୁହେଁ ସାରା ରାଜ୍ୟବାସୀ ଅସୁରକ୍ଷିତ ବୋଲି ବିଜେପି ପକ୍ଷରୁ କୁହାଯିବା ସହ ବିଜେଡି ଶାସନର ଅପାରଗତା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରିଛି ବିଜେପି । ଆଜି ବିଜେପିର ଜିଲ୍ଲା ସଭାପତି ଶିବାଜୀ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ବିକ୍ଷୋଭ ସମାବେଶରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସଂଦେଓ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ,ବିଜେପି ନେତା ଅନନ୍ତ ଦାସ, ଦୀନେଶ ଶର୍ମା, ବିଜେପି ନେତ୍ରୀ ପଙ୍କଜିନୀ ପଣ୍ଡାଙ୍କ ସମେତ ଶତାଧିକ ବିଜେପି କର୍ମୀ ଓ କର୍ମକର୍ତ୍ତା ଯୋଗ ଦେଇ ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବାରେ ବଲାଙ୍ଗୀର ଏସ୍ ?ପିଙ୍କ ବିଫଳତାକୁ ଦୃଢ଼ ନିନ୍ଦା କରିଥିଲେ ।

## ବଧୂ ହତ୍ୟା ଅଭିଯୁକ୍ତଙ୍କୁ ଧରୁନି ପୁଲିସ, ଏସପିଙ୍କୁ ଭେଟିଲେ ପରିବାର ଲୋକେ

କୋରେଇ, (ପିଏନ)-ଯାଜପୁର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସରସ୍ୱତୀ ପାଣି ନାମକ ମହିଳାଙ୍କୁ ତାଙ୍କ ଶାଶୁଘର ପରିବାର ପକ୍ଷରୁ ଯୌତୁକ ଦାବିରେ କିରୋସିନି ଢାଳି ନିଆଁ ଲଗାଇଦେଇଥିଲେ । ଗତ ଅଗଷ୍ଟ ୨୮ ତାରିଖ ଏଭଳି କାଣ୍ଡ ଘଟିବା ପରେ ସରସ୍ୱତୀଙ୍କୁ କଟକ ବଡ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା । ଏନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ସରସ୍ୱତୀର ସ୍ୱାମୀ ମାର୍କଣ୍ଡପୁର ଗ୍ରାମର ନରେନ୍ଦ୍ର ପାଣିଙ୍କ ପୁଅ ରବିନ୍ଦ୍ରକୁ ଗିରଫ କରିଥିଲା । ମାତ୍ର ଅନ୍ୟ ଅଭିଯୁକ୍ତ ଶାଶୁ ପ୍ରେମଲତା, ନଣନ୍ଦ ରୀନା ଓ ନଣନ୍ଦେଇ କାଦୁଆକୁ ପୁଲିସ ଗିରଫ କରିନାହିଁ । ପରବର୍ତି ଅବସ୍ଥାରେ ଗତ ସେପ୍ଟେମ୍ବର ୪ ତାରିଖ ଚିକିତ୍ସିତ ଅବସ୍ଥାରେ ସରସ୍ୱତୀର ମୃତ୍ୟୁ ହୋଇଥିଲା । ମୃତ୍ୟୁ ପୂର୍ବରୁ ୪ଜଣ ମିଶି କିରୋସିନି ଢାଳି ନିଆଁ ଲଗାଇଥିବାର ବୟାନ ସରସ୍ୱତୀ ଦେଇଥିଲା । ହେଲେ ମୃତ୍ୟୁର ଅବଧି ୧୨ ଦିନ ବିତିଯାଇଥିଲେ ମଧ ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଗିରଫ କରୁନାହିଁ। କେବଳ ମାମଲା ରୁଜୁ କରି ଜଣଙ୍କୁ ଗିରଫ କରିଥିବା ବେଳେ ଅନ୍ୟ ଅଭିଯୁକ୍ତ ମାନେ ଖୁଲମଖୁଲା ବୁଲୁଛନ୍ତି । ମୃତ ସରସ୍ୱତୀକୁ ନ୍ୟାୟ ଦେବା ପାଇଁ ପରିବାର ପକ୍ଷରୁ ଏସପିଙ୍କୁ ଗୁହାରୀ କରାଯାଇଛି ।

## ବାଙ୍ଗିରିପୋଷିରେ ଅଟୋକୁ ଟ୍ରକ ପଛରୁ ଧକ୍କା ଦେଲା, ୨ ମୃତ, ୧୦ ଗୁରୁତର

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ୪୯ ନମ୍ବର ଜାତୀୟ ରାଜପଥର ବାଙ୍ଗିରିପୋଷି ଦ୍ୱାରଶୁଣି ଘାଟିରେ ଆଜି ପୂର୍ବାହ୍ନରେ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଅଟୋକୁ ପଛ ପଟୁ ଧକ୍କା ଦେଇ ଟ୍ରକ୍ ଓଲଟିବାରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରେ ଜଣେ ସ୍କୁଲ ଛାତ୍ର ଓ ଅନ୍ୟ ଜଣେ ଅଭିଭାବକ ଥିବା ସୂଚନା ମିଳିଛି ।ସୂଚନାଯୋଗ୍ୟ, ଆଜି ସକାଳେ ମଧାହ୍ନ ଭୋଜନ ଚାଉଳ ଆଣିବାକୁ ବିଶୋଇ ବ୍ଲକର ଦୋପଚା ଗାଁରୁ ଶୁଳିଆପଦା ଅଭିମୁଖେ ଏକ ଅଟୋରେ ୧୨ ଜଣ ଯାତ୍ରୀ ଯାଉଥିଲେ। ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୪ ଜଣ ପୁରୁଷ ଓ ୪ ଜଣ ୧୦ରୁ ୧୨ ବର୍ଷ ମଧ୍ୟରେ ପିଲା ଥିଲେ। ସେମାନେ ନିଜ ଗାଁରୁ ପ୍ରାୟ ୨୦ କିଲୋମିଟର ଆସିବା ପରେ ବାଙ୍ଗିରିପୋଷି ଘାଟିରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ।ଅଟୋଟି ବାଙ୍ଗିରିପୋଷି ଘାଟିରେ ଓହ୍ଲାଉଥିବା ବେଳେ ଦ୍ରୁତ ଗତିରେ ଆସୁଥିବା ଏକ ଟ୍ରକ୍ ଅଟୋକୁ ପଛ ପଟୁ ପିଟି କିଛି ଦୂରକୁ ଘୋଷାରି ନେଇଥିଲା। ଏହାପରେ ଟ୍ରକଟି ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱକୁ ଓଲଟି ପଡ଼ିଥିବା ବେଳେ ଅଟୋରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଘଟଣାସ୍ଥଳରେ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ମଧ୍ୟରେ ଜଣେ ପିଲା ଓ ଜଣେ ପୁରୁଷ ଅଛନ୍ତି। ଖବର ପାଇ ବାଙ୍ଗିରିପୋଷି ପୁଲିସ୍ ଓ ଅଗ୍ନିଶମ ବାହିନୀ କର୍ମଚାରୀ ଘଟଣାସ୍ଥଳରେ ପହଂଚି ତୁରନ୍ତ ଅନ୍ୟ ଆହତମାନଙ୍କୁ ବାଙ୍ଗିରିପୋଷି ମେଡିକାଲରେ ଭର୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବାରିପଦା ପିଆରଏମ ମେଡିକାଲକୁ ପଠାଇ ଦେଇଛି। ଦୁର୍ଘଟଣା ଘଟାଇ ଟ୍ରକ୍ ଡ୍ରାଇଭର ଓ ହେଲପର ଟ୍ରକ ଛାଡି ଫେରାର ହୋଇଯାଇଥିବା ଜଣାଯାଇଛି।

## କନ୍ଧମାଳ ଜିଲ୍ଲାର ଖଜୁରିପଡାରେ ମା ଗୃହ ଉଦଘାଟିତ


କନ୍ଧମାଳ,(ପିଏନ)- କନ୍ଧମାଲ ଜିଲ୍ଲା ବାଲିଗୁଡାର ସ୍ୱେଚ୍ଛାସେବୀ ଅନୁଷ୍ଠାନ ବନବାସୀ ସେବା ସମିତିର ପରିଚାଳନାରେ ଏବଂ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳ ସହାୟତାରେ ଏକ ନୂତନ ମା ଗୃହ କନ୍ଧମାଳ ଜିଲ୍ଲାର ଖଜୁରିପଡାଠାରେ ଉଦଘାଟିତ ହୋଇଯାଇଛି । ଏହି ଏଦଘାଟନୀ କାର୍ଯ୍ୟକ୍ରମ କୋଭିଡ ନିୟମ ଅନୁସାରେ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନସ୍ୱିନି ମିଶ୍ର ଯୋଗ ଦେଇ ଏହାର ଶୁଭ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କନ୍ଧମାଳର କାର୍ଯ୍ୟକ୍ରମ ପରିଚାଳକ ମନରଞ୍ଜନ ସାହୁ,ଖଜୁରିପଡାର ଡା.ନିମାଇଁ ଚରଣ ବିଶି,ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ରଶ୍ମିତା କରଣ,ଖଜୁରିପଡା ସମନ୍ୱିତ ଶିଶୁ ବିକାଶ ଅଧିକାରୀଣୀ ଗୀତାରାଣୀ ପଣ୍ଡା,ବନବାସୀ ଅନୁଷ୍ଠାନର ସମ୍ପାଦକ ଉତ୍ସବଚନ୍ଦ୍ର ଜେନା,ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା,ଚାଇଲ୍ଡଲାଇନର ସମସ୍ତ କର୍ମକର୍ତା ଓ ସଦସ୍ୟ ମାନେ ,ସଖିର ସଦସ୍ୟା ଓ ମା ଗୃହର ସମସ୍ତ କର୍ମକର୍ତାଙ୍କ ସମେତ ଅଂଚଳର ଲୋକମାନେ ଉପସ୍ଥିତ ଥିଲେ। ଏଠାରେ ଏହି ବ୍ଲକରେ ଥିବା ଦୁର୍ଗମ ଅଂଚଳର ଗର୍ଭବତୀ ମା ମାନେ ସେମାନଙ୍କର ପ୍ରସବ ପୁର୍ବରୁ ସେଠାରେ ଆସି ରହିବା ସହିତ ସେମାନଙ୍କୁ ଆବଶ୍ୟକୀୟ ଚିକିତ୍ସା ମାଗଣାରେ ପ୍ରଦାନ କରାଯିବା ସହିତ ସେମାନେ କିପରି ସୁସ୍ଥ ମାନସିକତାରେ ରହି ସଠିକ୍ ଭାବରେ ପ୍ରସବ କରି ପାରିବେ ସେଥିପାଇଁ ସେମାନଙ୍କ ପାଇଁ ପୌଷ୍ଟିକ ଖାଦ୍ୟପେୟ ସହିତ ମନରଞ୍ଜନ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟବସ୍ଥା କରାଯାଇ ଥିବା ନେଇ ବନବାସୀ ଆନୁଷ୍ଠାନର ସହ-ସମ୍ପାଦକ ରବିନ୍ଦ୍ର କୁମାର ପଣ୍ଡା ସୁଚନା ଦେଇଛନ୍ତି ।

## ଶିକ୍ଷା ସମେତ ବିଭିନ୍ନ ବିକାଶ ଦିଗରେ ସଚେତନତାର କାର୍ଯ୍ୟକ୍ରମ

କନ୍ଧମାଳ,(ପିଏନ)-କନ୍ଧମାଳ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ଗୁଡ୍ ସୁମରିଟାନ୍ ଓ ଅନ୍ତରଙ୍ଗ କନ୍ଧମାଳ ପକ୍ଷରୁ ପୋଷଣ ଅଭିଯାନ ଓ କରୋନା ସଚେତନତା କାର୍ଯ୍ୟକ୍ରମ ଚକାପାଦ ବ୍ଲକର ନନ୍ଦିନୀ, ପସରା, ବରପଲ୍ଲୀ ଓ ଘୁ ଉଦୟଗିରି ବ୍ଲକର କଡିକାଢୁ ଗ୍ରାମରେ କରୋନା ଭୁତାଣୁ ସଂକ୍ରମଣ ରୋଗର ସଚେତନତା ଓ ସର୍ତକତାର ବାର୍ତା ପହଂଚାଇବା ସହ ୭୦୦ ଶହରୁ ଅଧିକା ମାସ୍କ ବଂଟନ କରିବା ସହ ବ୍ୟବହାର କରିବା କୋଭିଡ ନିୟମକୁ ପାଳନ ପାଇଁ ପର୍ବତାଇବ.ଶିଶୁ ଶିକ୍ଷାକୁ ଉତ୍ସାହିତ କରିବା,ବାଲ୍ୟ ବିବାହ ବନ୍ଦ କରିବା ପାଇଁ "ବାଲ୍ୟ ବିବାହକୁ ନା କହିବା ଓ ପାଠ ପଢ଼ାକୁ ହଁ କହିବା"ନାରା ଦେଇଛନ୍ତି ଗାଁର କିଶୋର କିଶୋରୀ ମାନେ ଓ ଗାଁ ଲୋକମାନେ । ମହାମାରୀ ସମୟରେ ନିଜନିଜକୁ ସତର୍କ କରି ସୁରକ୍ଷିତ ରହିଲେ ନିଜ ପରିବାର ସୁରକ୍ଷିତ ରହିବ ଓ ନିଜ ଅଂଚଳ ସୁରକ୍ଷିତ ହେବା ସହ ଗାଁରେ କୌଣସି ବ୍ୟକ୍ତି କରୋନା ରୋଗରେ ଆକ୍ରାନ୍ତ ହେବେ ନାହିଁ ଓ ଏହି ସମୟରେ ଛୋଟ ଛୋଟ ଶିଶୁ ମାନଙ୍କୁ ଓ କିଶୋର କିଶୋରୀ ଓ ଗର୍ଭବତୀ ମହିଳାଙ୍କ ପାଇଁ ପୋଷକତତ୍ୱର ଅଭାବ ଦେଖାଯାଇଥିବାର ସୁଚନା ଅନୁମାନ କରାଯାଇଛି ।ଯାହ ପାଇଁ ଆମକୁ ସାବଧାନତା ଅବଲମ୍ବନ କରି ପୋଷକ ତତ୍ୱର ଖାଦ୍ୟ ପଦାର୍ଥ ଖାଇବା ଆବଶ୍ୟକତା ରହିଛି ବୋଲି ଅନ୍ତରଙ୍ଗ ଯୁବ ମାହାସଂଘର ସମ୍ପାଦକ ହୃଷିକେଶ ପ୍ରଧାନ ବୁଝେଇଥିଲେ ।ମହାମାରୀ ପାଇଁ ସ୍କୁଲ କଲେଜ ଗୁଡିକ ବନ୍ଦ ରହିଥିବା ଫଳରେ ଛାତ୍ରଛାତ୍ରୀ ମାନଙ୍କ ପାଠପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି ।ଏହାର ସମାଧାନ ଆମ ନିଜ ପାଖରେ ଅଛି ।ଯାହାକି ନିଜେ ପାଠ ପଢ଼ିବା ଅଭ୍ୟାସ ରଖିବାକୁ ପଡିବ ଓ ଆଗାମୀ ଦିନରେ ମଧ ପଢ଼ିବା ପାଇଁ ଅନ୍ୟ ଭାଇଭଉଣୀଙ୍କୁ ମଧ ପ୍ରବର୍ତାଇବା ଉଚିତ ବୋଲି ବାଲ୍ୟ ବିବାହ ପ୍ରତିରୋଧ ମଂଚର ସମ୍ପାଦିକା ବିଷ୍ଣୁ ପ୍ରିୟା ପ୍ରଧାନ କହିଛନ୍ତ ।

MAHARISHI PUBLIC SCHOOL

2023-2024



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on Facebook.com/Mps, Baripada

